ଆଜି - ମଙ୍ଗଳବାର
ତାରିଖ - ୧୪ ଅପ୍ରେଲ ୨୦୨୬
ମାସ - ମେଷ, ଦିନ - ୦୧
ତିଥି - ଦ୍ୱାଦଶୀ, ପକ୍ଷ-କୃଷ୍ଣ
ନକ୍ଷତ୍ର - ଶତଭିଷା, କୁମ୍ଭ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୪: ୦୦
ସୂର୍ଯ୍ୟାସ୍ତ - ୬ : ୦୧ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି





ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ 'ଆଜିକାଲି'ର ପାଠକପାଠିକା, ଶୁଭେଚ୍ଛୁ, ବିଜ୍ଞାପନଦାତା, ପ୍ରତିନିଧିମାନଙ୍କୁ 'ଆଜିକାଲି' ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।


E-News : www.Ajikali epaper.com

Vol.- 41 ISSUE- 01 R.N.I. REGD. No. 44026/86 ବାଲେଶ୍ୱର ୧୪ ଅପ୍ରେଲ ୨୦୨୬ ମଙ୍ଗଳବାର BALASORE 14 APRIL 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## 'ନାରୀ ଶକ୍ତି ବନ୍ଦନ ସମ୍ମେଳନ'କୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ନାରୀ ଶକ୍ତି ବନ୍ଦନ ସମ୍ମେଳନରେ ଉଦବୋଧନ ଦେଇଛନ୍ତି। ବୈଶାଖୀର ପବିତ୍ର ଅବସର ଏବଂ ଦେଶର ବିଭିନ୍ନ ସ୍ଥାନରେ ନବବର୍ଷ ପାଳନର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ଜାଲିଆନାୱାଲା ବାଗ ହତ୍ୟାକାଣ୍ଡର ସହିଦମାନଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶ୍ରୀ ମୋଦୀ ଦୃଢ଼ତାର ସହ କହିଛନ୍ତି, ''ଭାରତ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ନିଷ୍ପତି ମଧ୍ୟରୁ ଗୋଟିଏ ନେବାକୁ ଯାଉଛି, ଏହା ନାରୀ ଶକ୍ତି ପାଇଁ ଉତ୍ସର୍ଗୀକୃତ।'' ଏହି ମୁହୂର୍ତ୍ତକୁ ଐତିହାସିକ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ସଂସଦ ଏକ ନୂତନ ଇତିହାସ ସୃଷ୍ଟି କରିବାର ନିକଟତର ହୋଇଛି । ଏହା ଅତୀତର ସ୍ୱପ୍ନ ଏବଂ ଭବିଷ୍ୟତର ସଂକଳ୍ପକୁ ପୂରଣ କରିବ। ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱାରୋପ କରି ସେ କହିଛନ୍ତି, ଦେଶ ଏପରି ଏକ ସମାନତାବାଦୀ ଭାରତର ପରିକଳ୍ପନା କରିଛି ଯେଉଁଠାରେ ସାମାଜିକ ନ୍ୟାୟ କେବଳ ଏକ ସ୍ଲୋଗାନ ନୁହେଁ ବରଂ କାର୍ଯ୍ୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ




ଅଂଶ ହେବ। ରାଜ୍ୟ ବିଧାନସଭାଠାରୁ ଆରମ୍ଭ କରି ଦେଶର ସଂସଦ ପର୍ଯ୍ୟନ୍ତ ଅନେକ ଦଶନ୍ଧି ଧରି ରହିଥିବା ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ୨୦୨୩ରେ ନୂତନ ସଂସଦ ଭବନରେ ନାରୀ ଶକ୍ତି ବନ୍ଦନ ଆଇନ ଗୃହୀତ ହେବା ଘଟଣାକୁ ମନେ ପକାଇ ପ୍ରଧାନମନ୍ତ୍ରୀ କହିଥିଲେ, ଏହାକୁ ସର୍ବସମ୍ମତିକ୍ରମେ ଗୃହୀତ କରାଯାଇଥିଲା। ସବୁ ଦଳ ଏହାକୁ ଯେକୌଣସି ପରିସ୍ଥିତିରେ ୨୦୨୯ ସୁଦ୍ଧା କାର୍ଯ୍ୟକାରୀ କରିବା ଉଚିତ ବୋଲି ସହମତ ହୋଇଥିଲେ। ନାରୀ ଶକ୍ତି ବନ୍ଦନ ଆଇନକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ ଯାହା ଦ୍ୱାରା ମହିଳାମାନଙ୍କର ଅଂଶଗ୍ରହଣ ଆମର ଗଣତନ୍ତ୍ରକୁ ସୁଦୃଢ଼ କରିପାରିବ, ଏଥିପାଇଁ ସଂସଦର ବଜେଟ ଅଧିବେଶନର ଏକ ସ୍ୱତନ୍ତ୍ର ଅଧିବେଶନ ଏପ୍ରିଲ ୧୬ ରୁ ଆରମ୍ଭ ହେବ। ଆମର ପ୍ରୟାସ ଏବଂ ପ୍ରାଥମିକତା ହେଉଛି ଏହି କାର୍ଯ୍ୟକୁ ଆଲୋଚନା, ସହଯୋଗ ଏବଂ ଅଂଶଗ୍ରହଣ ମାଧ୍ୟମରେ ସମ୍ପାଦିତ କରିବା ଯାହା ସଂସଦର ମର୍ଯ୍ୟାଦା ବୃଦ୍ଧି କରିବ ବୋଲି ଶ୍ରୀ ମୋଦୀ କହିଥିଲେ। ଦେଶବ୍ୟାପୀ ଏହି ପ୍ରସଙ୍ଗରେ ମହିଳାମାନଙ୍କ ମଧ୍ୟରେ ପରିଲକ୍ଷିତ ଉତ୍ସାହ ବିଷୟରେ ପ୍ରଧାନମନ୍ତ୍ରୀ କହିଥିଲେ, ସାରା ଦେଶରେ ମହିଳାମାନେ ବିଧାନସଭା ଓ ଲୋକସଭାରେ ପହଂଚିବା ପାଇଁ ସେମାନଙ୍କର ଆକାଂକ୍ଷାର ପରିପ୍ରକାଶ କରୁଛନ୍ତି। ସେମାନଙ୍କର ସ୍ୱପ୍ନକୁ ନୂତନ ପକ୍ଷ ମିଳିଛି ଏବଂ ଦେଶରେ ଏକ ସକାରାତ୍ମକ ପରିବେଶ ସୃଷ୍ଟି ହୋଇଛି। ''ମୁଁ ସବୁ ମହିଳାଙ୍କୁ ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ବଜାୟ ରଖିବା ଏବଂ ସେମାନଙ୍କର ଦୃଷ୍ଟିକୋଣ ଓ ପ୍ରତ୍ୟାଶା ବ୍ୟକ୍ତ ପାଇଁ ନିଜ ନିଜର ସାଂସଦମାନଙ୍କୁ ଭେଟିବାକୁ ନିବେଦନ କରୁଛି,'' ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ବଡ଼ବିଲ ବାଇପାସ ରିଙ୍ଗରୋଡ଼ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: କଥା ଦେଇ କଥା ରଖିଲେ ରାଜ୍ୟ ସରକାର। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ବିଲର ଠାରେ ବଡ଼ବିଲ ବାଇପାସ ରିଙ୍ଗରୋଡ଼ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନା କରି ବଡ଼ବିଲ ଅଂଚଳବାସୀଙ୍କ ବହୁ ପ୍ରତିକ୍ଷିତ ସ୍ୱପ୍ନ ପୂରଣ କରିଛନ୍ତି । ଗତବର୍ଷ ଘଟଗାଁଠାରେ ମୁଖ୍ୟମନ୍ତ୍ରୀ ଏହି ପ୍ରତିଶୃତି ବଡ଼ବିଲ ବାସୀଙ୍କୁ ଦେଇଥିଲେ ଏବଂ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି। ଏହି ଅବସରରେ କେନ୍ଦୁଝର ଜିଲ୍ଲା ପାଇଁ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଗୁଡିକର ଭିତିପ୍ରସ୍ତର ସ୍ଥାପନ ଏବଂ ଶୁଭ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ। ସୂଚନାଯୋଗ୍ୟଯେ ମୁଖ୍ୟମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ୨୯ କୋଟି ୪୧ ଲକ୍ଷ ବ୍ୟୟ ବରାଦରେ ୨୪ ଟି ପ୍ରକଳ୍ପର ଲୋକାର୍ପଣ କରିବା ସହିତ ୩୨୬ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟ ବରାଦରେ ୫୧ଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ବଡ଼ବିଲ ସହର ପାଇଁ ଏକ ବାଇପାସ୍ ତଥା ରିଂ ରୋଡର ଦୈର୍ଘ୍ୟ ହେଉଛି ୧୮ କିଲୋମିଟର ୩୨୬ ମିଟର। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ୧୫୮୧ କୋଟି ୨୧ ଲକ୍ଷ ଟଙ୍କା ବିନିଯୋଗ କରାଯିବ। ଏହି




ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ଯୋଡ଼ା, ବାସୁଦେବପୁର ଓ ବଡ଼ବିଲ ଅଂଚଳ ପାଇଁ ୨୯୮ କୋଟି ଟଙ୍କା ବ୍ୟୟରେ ଖୁବ ଶୀଘ୍ର ଏକ ବିଦ୍ୟୁତ ସବ ଷ୍ଟେସନ ନିର୍ମାଣ ହେବ ଏବଂ ୮ ଲେନ ବିଶିଷ୍ଟ ବଡ଼ବିଲ - ପାରାଦ୍ୱୀପ ରାସ୍ତା ନିର୍ମାଣ କାର୍ଯ୍ୟକୁ ଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଆମ ଲୋକଙ୍କ ସୁଖ ଦୁଃଖର ସରକାର ଆଉ କଥା ଦେଇ କଥା ରଖିବାର ସରକାର। ଲୋକଙ୍କୁ ଦେଇଥିବା ଅନେକ କଥା ମଧ୍ୟରୁ ଆଜି ଆଉ ଗୋଟିଏ କଥା ଆମେ ରଖିଛୁ ବୋଲି କହି ମୁଖ୍ୟମନ୍ତ୍ରୀ ସଭାସ୍ଥଳୀକୁ ସମ୍ବୋଧନ କରିଥିଲେ ଏବଂ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଛ୍ୱାସ ଓ ଉଲ୍ଲାସର ସହ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦୁଝର ବା ବଡବିଲ୍ ପରି ସହରମାନଙ୍କ ଟ୍ରାଫିକ ଏବଂ ଭାରି ଯାନବାହାନ ଚଳାଚଳ ସମସ୍ୟା ବିଷୟରେ ମୁଁ ସବୁ ଜାଣିଛି । ମୁଁ ନିଜେ ଗୋଟିଏ ଭୁକ୍ତଭୋଗୀ । ତେଣୁ, ଏ ସବୁ ଅସୁବିଧା ଦୂର କରିବା ପାଇଁ ଆମ ସରକାର ପ୍ରଥମରୁ ହିଁ ନିଷ୍ପତି ନେଇଥିଲେ। ଆଜି ସେହି ନିଷ୍ପତିକୁ କାର୍ଯ୍ୟକାରୀ କରାଯାଇ ବଡ଼ବିଲ ସହର ପାଇଁ ୧୮ କିଲୋମିଟରରୁ ଊର୍ଦ୍ଧ୍ୱ ଲମ୍ବା ବାଇପାସ୍ ତଥା ରିଂ ରୋଡ୍ ର ଶିଳାନ୍ୟାସ କରାଗଲା। ଭଦ୍ରା ସାହିରୁ ସେରେଣ୍ଡା ପର୍ଯ୍ୟନ୍ତ ୩.୭ କିଲୋମିଟର, ସେରେଣ୍ଡାରୁ ବଲାଣି ପର୍ଯ୍ୟନ୍ତ ୬.୩ କିଲୋମିଟର ଏବଂ ସେରେଣ୍ଡାରୁ ନଲ୍ଦା ପର୍ଯ୍ୟନ୍ତ ହେଉଛି ୮.୩ କିଲୋମିଟର । ଏ ପୁରା ବାଇପାସ୍ଟି ଆପଣମାନଙ୍କର ଏକ ଦୀର୍ଘଦିନର ସମସ୍ୟାର ସମାଧାନ କରିବ।

## ନୟାଗଡ଼ ଛେନାପୋଡ଼କୁ ମିଳିବ ଜିଆଇ ଟ୍ୟାଗ୍ : ମନ୍ତ୍ରୀ ପୀୟୂଷ ଗୋୟଲ

ଭୁବନେଶ୍ୱର: ନୟାଗଡ଼ବାସୀଙ୍କ ପାଇଁ ଖୁସି ଖବର। ଖୁବ୍‌ଶୀଘ୍ର ବିଶ୍ୱ ପ୍ରସିଦ୍ଧ ନୟାଗଡ଼ ଛେନାପୋଡ଼କୁ ମିଳିବ ଏଓ ଟ୍ୟାଗ୍ ମାନ୍ୟତା। ଏନେଇ ସୂଚନା ଦେଲେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ। ଆସନ୍ତା ମେ ୨୮ ଓ ୨୯ ତାରିଖ ବୈଠକରେ ବିଧିବଦ୍ଧ ଘୋଷଣା ହୋଇପାରେ। ପୂର୍ବରୁ ଏନେଇ ମନ୍ତ୍ରୀ ପିୟୂଷ ଗୋୟାଲଙ୍କୁ ଚିଠି ଲେଖିଥିଲେ ସାଂସଦ ସମ୍ବିତ ପାତ୍ର। ଶନିବାର ନୟାଗଡ ଛେନା ପୋଡର ସ୍ରଷ୍ଟା ସୁଦର୍ଶନ ସାହୁଙ୍କ ଜନ୍ମ ଦିନକୁ ବିଶ୍ୱ ଛେନାପୋଡ ଦିବସ ଭାବେ ପାଳନ କରାଯାଇଥିଲା। ଛେନାପୋଡ଼ ଗୋଟିଏ ଓଡ଼ିଆ ମିଠା।



ଏହା ଛେନା, ଚିନି, ସୁଜି, କାଜୁ ଓ କିସମିସରେ ତିଆରି କରାଯାଏ। ଛେନାପୋଡ଼ର ଆକ୍ଷରିକମାନେ ପୋଡ଼ା ଜାଇଥିବା ଛେନା ବା ପୋଡ଼ିକରି ତିଆରି କରାଯାଇଥିବା ଛେନାରେ ତିଆରି ଏକ ମିଠା।

## ରାଜଧାନୀର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆହ୍ୱାନ ଦେଲେ ବାଚସ୍ପତି

ଭୁବନେଶ୍ୱର : ରାଜଧାନୀ ହେଉଛି ରାଜ୍ୟର ମୁଖଶାଳା। ଆମ ରାଜଧାନୀର କଳା ଓ ଐତିହ୍ୟ ବେଶ ଗୌରବ ମଣ୍ଡିତ। ଏହି ଗୌରବମୟ ରାଜଧାନୀର ଶ୍ରୀବୃଦ୍ଧି କରିବା ପାଇଁ ରାଜଧାନୀ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢୀ ଯୋଗ ଦେଇ ରାଜଧାନୀବାସୀଙ୍କୁ ଆହ୍ୱାନ ଦେଇଥିଲେ। ରାଜଧାନୀ ସହ ନିଜର ଶୈଶବ ଠାରୁ ଏପର୍ଯ୍ୟନ୍ତ ଥିବା ଘନିଷ୍ଠ ସମ୍ପର୍କରେ ବାଚସ୍ପତି ନିଜର ଅନୁଭୂତି ପ୍ରଦାନ କରିଥିଲେ। ରାଜଧାନୀ ଭୁବନେଶ୍ୱର ଆଜି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସବୁ କ୍ଷେତ୍ରରେ ଦେଶର ଯେ କୌଣସି ରାଜଧାନୀଠାରୁ ବହୁ ଉଚ୍ଚରେ ରହିଛି। ଆମ ରାଜଧାନୀର କଳା, ସଂସ୍କୃତି ଐତିହ୍ୟର ସୁରକ୍ଷା କରିବା



ସହ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢିତୋଳିବା ପାଇଁ ମେୟର ସୁଲୋଚନା ଦାସ ଭୁବନେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ରାଜଧାନୀ ପ୍ରତିଷ୍ଠା ଦିବସରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତର ) ବିଧାୟକ ସୁଶାନ୍ତ କୁମାର ରାଉତ, , ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଡେପୁଟି ମେୟର ମଞ୍ଜୁଲତା କହଁର, ଭୁବନେଶ୍ୱର-କଟକ ପୁଲିସ କମିଶନର ଏସ୍. ଦେବଦତ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରଦୋଷ ପ୍ରଟ୍ଟନାୟକ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବା ବେଳେ ବିଏମସି କମିଶନ ଶ୍ରୀ ଚଂଚଳ ରାଣା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, ଗୌରଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ମଶାଲ ଶୋଭାଯାତ୍ରା ଲିଙ୍ଗରାଜ ମନ୍ଦିର ଠାରୁ ବାହାରି ପିଏମଜି ଛକ ଠାରେ ପହଂଚିଥିଲା। ଅଲମ୍ପିୟାନ ଦୂତୀ ଚାନ୍ଦ, ଶୁଭଙ୍କର କୁମାର, ଜିତେନ୍ଦ୍ର ଦାସ, ଅଜୟ ସିଂ ଓ ଶ୍ରୀ ମନୋଜ ମହାପାତ୍ରଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।






ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0016

15001/16/2627



ଓଡ଼ିଆ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ସମସ୍ତ ଓଡ଼ିଶାବାସୀ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ପ୍ରିୟ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନୂତନ ବର୍ଷ ଆପଣ ସମସ୍ତଙ୍କ ଜୀବନରେ ଅପାର ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏହାହିଁ ମୋର ପ୍ରାର୍ଥନା।

କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ ଆମ ଓଡ଼ିଆ ଜାତି ଆଜି 'ଓଡ଼ିଆ ଅସ୍ମିତା'ର ପୁନଃ ପ୍ରତିଷ୍ଠା ପାଇଁ ପୂର୍ଣ୍ଣ ସମର୍ପିତ। ଆଜିର ଓଡ଼ିଶା ନୂଆ ଉତ୍ସାହ, ଅସୀମ ଉଦ୍ଦୀପନା ଓ ଗଭୀର ଆତ୍ମବିଶ୍ୱାସର ସହିତ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ଦିଗରେ ଦୃଢ଼ ସଂକଳ୍ପର ସହ ଅଗ୍ରସର ହେଉଛି।

ଆସନ୍ତୁ, ଏହି ପବିତ୍ର ଅବସରରେ ଆମେ ସମସ୍ତେ ମିଳିମିଶି ଆମର ଏହି ସଂକଳ୍ପକୁ ସିଦ୍ଧିରେ ପରିଣତ କରିବା ଏବଂ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନୂଆ ଶପଥ ନେବା।

ବନ୍ଦେ ଉତ୍କଳ ଜନନୀ !

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା





ମଙ୍ଗଳବାର
୧୪ ଅପ୍ରେଲ ୨୦୨୬

# ଈଶାଣୀ ବୈଶାଖୀ ମହୋତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ



ବାଲେଶ୍ୱର, (ନି.ପ୍ର.): ମହିଳାମାନଙ୍କର ବିକାଶ ଗାଁ, ଗଣ୍ଡା, ଜିଲ୍ଲା, ରାଜ୍ୟ ସର୍ବୋପରି ପବିତ୍ର ଆମ ଦେଶ ଭାରତ ପାଇଁ ଦୃଷ୍ଟାନ୍ତ ସୃଷ୍ଟିକାରୀ ହେବ ଏବଂ ପରିଶେଷରେ ଭାରତୀୟ ନାରୀ ବିଶ୍ୱ ମାନଚିତ୍ରରେ ଇତିହାସ ହିଁ ସୃଷ୍ଟି କରିବ । ବାଲେଶ୍ୱରର ଈଶାଣୀ, ଚାଉଳିଆବର ଏକ ଐତିହାସିକ ପବିତ୍ର ମାଟି । ମହାତ୍ମାଙ୍କ ମାଟି । ଲୁଣମରା ଆନ୍ଦୋଳନର ସଂଗ୍ରାମୀ ମାଟି । ଏଇଠି ସର୍ଦ୍ଦାର ସୁରେନ୍ଦ୍ର ଦାସ, ରବୀନ୍ଦ୍ର ମୋହନ ଦାସ ଓ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ଭଳି ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀ ଭାବରେ ସ୍ମୃତି ପାଲଟି ଯାଇଥିବାବେଳେ ଏ ଅଂଚଳର ଉ□ରାଧିକାରୀମାନେ ଈଶାଣୀର ଏହି ବିଶାଳ ବୈଶାଖୀ ମହୋତ୍ସବ ପାଳନ କରିଆସୁଥିବା ଯୁବକ ଯୁବତୀମାନେ ଏପରି ସତ୍‌କର୍ମରେ ନିଜକୁ ନିୟୋଜିତ କରି ସାଂପ୍ରତିକ ସମୟର ଆଦର୍ଶ ପାଲଟିଛନ୍ତି । ଏ ମାଟି ୧୧ ବର୍ଷର ବାଘାଯତୀନ୍‌ର ଉତ୍ସବ । ଏ ମାଟି ଇ□ୁଡ଼ି ଲବଣ ସତ୍ୟାଗ୍ରହର ଇତିହାସ ବୋଲି ଉପସ୍ଥିତ ସହସ୍ରାଧିକ ମହିଳା ମା' ଭଉଣୀମାନଙ୍କୁ ଉଦ୍‌ବୁଦ୍ଧ କରିଥିଲେ । ତୃତୀୟ ସନ୍ଧ୍ୟାର ଉଦ୍‌ଘାଟିକା ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ବୈଶାଖୀ ମାସର କର୍ମ ପୁଣ୍ୟ, ବିଧିବିଧାନ ପୁଣ୍ୟ ଏବଂ ୫ ଦିନିଆ ସାର୍ବଜନୀନ ବୈଶାଖୀ ମହୋତ୍ସବରେ ଦୀର୍ଘ ୧୧ ବର୍ଷ ଧରି ନିରବଛିନ୍ନ ଭାବରେ ନାରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସନ୍ଧ୍ୟା ପାଳନ କରିଆସୁଥିବା କର୍ମକ□ମାନଙ୍କର ଏକ ପୁଣ୍ୟ କର୍ମ ବୋଲି କହିଥିଲେ । ମୁଖ୍ୟବକ୍ତା କବି-କଥାକାର-ସଂପାଦିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ନିଜର ଉଚ୍ଛ୍ୱାସ ପରିପ୍ରକାଶ କରିଥିଲାବେଳେ ଆମ୍ଭେ ଶାସ୍ତ୍ରୀୟ ମାନ୍ୟତାର ଅଧିକାରୀ ସ□ ବି କିଭଳି ଅଦ୍ୟାବଧି ନିର୍ଯ୍ୟାତିତ ହେଇଆସିଛୁ - ସେଥିପାଇଁ ଆମ ସମାଜ କିଭଳି ସଂକଟରେ ଅଛି ଚେତାବନୀ ଦେଇ ଏହି ଚଳନ୍ତି ସମାଜକୁ ସମ୍ମାନ ଦେବାପାଇଁ 'ଯୁଗଶ୍ରୀ ଯୁଗନାରୀ'ର ସଂପାଦିକା ଶ୍ରୀମତୀ ମମତା ମହାପାତ୍ର ପ୍ରତି ନାରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଏକରେ ଏକ ମିଶିଲେ ଏଗାର ଏବଂ ଏଗାରରେ ଏକ ମିଶିଲେ ଶହେ ଏଗାର ହେବାର ରାସ୍ତା ଫିଟୁଥିବାବେଳେ ଆସନ୍ତୁ ଆଖିକୁ କ୍ୟାମେରା କରି ସମସ୍ତେ ଭଲ ଶିକ୍ଷାର ସଂବାଦ ରୁଣ୍ଡାଇ ସମାଜ ବଦଳାଇବା ପାଇଁ କନକ ଟି.ଭି.ର ବାଲେଶ୍ୱର ପ୍ରତିନିଧି ଅତିଥିବକ୍ତା ସୁମନା ପରିଡ଼ା, ଗୀତାଞ୍ଜଳି ସିଂହ ପ୍ରମୁଖ ଆହ୍ୱାନ ଦେଇଥିଲେ ।

'ବୈଶାଖୀ' ମୁଖପତ୍ରର ପ୍ରକାଶିକା ଶ୍ରୀମତୀ ବାସନ୍ତୀ ପାତ୍ର ଏପରି ବିରଳ ସନ୍ଧ୍ୟାରେ ସ୍ୱାଗତ ସମ୍ଭାଷଣ ରଖିଥିଲା ବେଳେ ସମଗ୍ର କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପସଭାନେତ୍ରୀ ସାରିକା କର ପୌରୋହିତ୍ୟ କରିଥିଲେ । ସୁଶ୍ରୀ ଆମ୍ରପଲ୍ଲୀ ପ୍ରଧାନ ପରିଶେଷରେ ଶେଷକଥା ଦ୍ୱାରା ସଭାସାଂଗ କରିଥିଲେ । ଏହି ମହିଳା ସନ୍ଧ୍ୟାରେ ସୁଶ୍ରୀ ନିର୍ଲିପ୍ତା କର ଓ ସାଥୀମାନେ ମଂଚପରିଚାଳନା ଓ ଅତିଥିମାନଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ । ଶେଷରେ ବିଭିନ୍ନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର ଫଳାଫଳ ଅନୁସାରେ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା ।

# ସାମାଜିକ ପ୍ରତିବଦ୍ଧତା ହିଁ ଏ ଜାତିକୁ ମହାନ କରେ



ବାଲେଶ୍ୱର(ନି.ପ୍ର.)ଉଦଘାଟନୀ ଉତ୍ସବ ରେ କୁନି ନୃତ୍ୟ ଶିଳ୍ପୀ ଅମଇରା ଦାଶ ଶ୍ରୀ ଜଗନ୍ନାଥ ଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ.ମୁଖ୍ୟ ଅତିଥି ପୂର୍ବତନ ଏ. ବି. ଇ. ଓ. ବିକର୍ତନ ନାୟକ ଇତି ପରିବାର ର ଆହ୍ୱାନ 'ମୁଁ ଲେଖିବି ମୋ ପରିବାର ର ଇତିହାସ 'କୁ ଘରେ ଘରେ ପହଁଚା ଇବାକୁ ମତ ରଖିଥିଲେ. ଅନ୍ୟତମ ଅତିଥି ଭାବେ ରବୀନ୍ଦ୍ର ନାୟକ ଯୋଗଦେଇଥିବା ବେଳେ ସମ୍ପାଦିକା ଡ. ବିଥିକାରାଣୀ ପଟ୍ଟନାୟକ ଆଗାମୀ ଦିନର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ.କାର୍ଯ୍ୟକାରୀ ସଭାପତି ସଂଗୀତା ରଥ ଅତିଥି ପରିଚୟ ଦେଇଥିଲେ । ଶତାଧିକ ନୃତ୍ୟ ଶିଳ୍ପୀ ନୃତ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଥିଲେ.ବିଚରାକ ଭାବେ ସତ୍ୟଭାମା ମୁଦୁଲି, ରବୀନ୍ଦ୍ର ମାଝୀ, ପୁଷ୍ପା ବେହେରା, ଆଶିଷ ପାତ୍ର ଯୋଗ ଦେଇଥିଲେ । ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ମନ୍ମଥ ମିଶ୍ର, ଅନ୍ୟତମ ଅତିଥି ସମାଜ ସେବୀ ରୀତିକ ଜୀ ଯୋଗ ଦାନକରି କୃତୀ ଶିଳ୍ପୀ ଙ୍କୁ ପୁରସ୍କୃତ କରିଥିଲେ..ବିଜୟଲକ୍ଷ୍ମୀ ମିଶ୍ର ମଂଚ ଆହ୍ୱାନ କରିଥିବାବେଳେ ଯୁଗ୍ମ ସମ୍ପାଦିକା ମିନତୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ । ସହଯୋଗ କରିଥିଲେ ଜୟଶ୍ରୀ ପ୍ରାମାଣିକ, ଦମୟନ୍ତୀ ସେଠୀ, ରେବତୀ ନାୟକ, ସତ୍ୟ ଦାସ ପ୍ରମୁଖ ।

# ସଂଘ ବିରୋଧୀ କାର୍ଯ୍ୟ ପାଇଁ ନେସ୍କୋ ପାୱାର ଏମ୍ପ୍ଲୟିଜ୍ ୟୁନିୟନରୁ ଜ୍ୟୋତିକୃଷ୍ଣ ବେହେରା ବହିଷ୍କୃତ




ବାଲେଶ୍ୱର, (ନି.ପ୍ର.): ଗତ ୧୦ ତାରିଖ ଦିନ ସଂଘର କାର୍ଯ୍ୟକାରିଣୀ ବୈଠକରେ ନେସ୍କୋ ପାୱାର ଏମ୍ପ୍ଲୋଇଜ୍ ୟୁନିୟନ, ବାଲେଶ୍ୱର ପକ୍ଷରୁ ସଂଘର ଶୃଙ୍ଖଳା, ଏକତା ଓ ସମ୍ବିଧାନକୁ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ଏକ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି । ସଂଘ ବିରୋଧୀ କାର୍ଯ୍ୟ ଏବଂ କାର୍ଯ୍ୟକାରିଣୀ ବୈଠକର ନିଷ୍ପ□କୁ ଅବମାନନା କରିଥିବା ଅଭିଯୋଗରେ ଶ୍ରୀ ଜ୍ୟୋତିକୃଷ୍ଣ ବେହେରାଙ୍କୁ ସଂଘର ପ୍ରାଥମିକ ସଦସ୍ୟପଦରୁ ବହିଷ୍କୃତ କରାଯାଇଛି ।ସଂଘ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଶ୍ରୀ ବେହେରାଙ୍କ ବିରୁଦ୍ଧରେ କିଛି ଗୁରୁତର ଅଭିଯୋଗ ଉଠିଥିଲା । ଶ୍ରୀ ଜ୍ୟୋତିକୃଷ୍ଣ ବେହେରାଙ୍କ ଉପସ୍ଥିତିରେ ତାଙ୍କ ବିରୁଦ୍ଧରେ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ନିଷ୍ପ□କୁ ନିଜେ ଉଲ୍ଲଂଘନ କରିବା, ନେସ୍କୋ / ଟିପିଏନ୍‌ଓଡିଏଲ୍ ଟ୍ରଷ୍ଟ ବୋର୍ଡ଼ ନିର୍ବାଚନରେ ସଂଘର ମନୋନୀତ ପ୍ରାର୍ଥୀଙ୍କ ବିରୋଧରେ ନିର୍ବାଚନରେ ଯୋଗଦେବା ଏବଂ ସଂଘର ନାମ ଓ ବେନରର ଅନୁଚିତ ବ୍ୟବହାର ଭଳି ଅଭିଯୋଗ ଅନ୍ତର୍ଭୁକ୍ତ ।ଏହି ପ୍ରସଙ୍ଗରେ ସଂଘ ପକ୍ଷରୁ ପୂର୍ବରୁ ଏକ **Show Cause Notice** ଜାରି କରାଯାଇ ତାଙ୍କୁ ନିଜ ପକ୍ଷରୁ ସ୍ପଷ୍ଟୀକରଣ ଦେବା ପାଇଁ ସୁଯୋଗ ଦିଆଯାଇଥିଲା । ତଥାପି, ସେ ଏହି **Show Cause Notice** କୁ ଖାତିର ନକରି କୌଣସି ଉ□ର ନ ଦେବା ବିଷୟଟିକୁ ସଂଘର କାର୍ଯ୍ୟକାରିଣୀ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।ପରବ□ୀକାଳରେ, ସମସ୍ତ ପରିସ୍ଥିତି ଓ ତଥ୍ୟକୁ ବିଚାର କରି ସଂଘର କାର୍ଯ୍ୟକାରିଣୀ ସଭ୍ୟମାନେ ଏହାକୁ ଗମ୍ଭୀର ଶୃଙ୍ଖଳାଭଙ୍ଗ ଏବଂ ସଂଘର ସ୍ୱାର୍ଥ ବିରୋଧୀ କାର୍ଯ୍ୟ ବୋଲି ମନେ କରିଥିଲେ । ଏହାପରେ ସମସ୍ତଙ୍କ ସମ୍ମତି ସହ ତାଙ୍କୁ ସଂଘରୁ ବହିଷ୍କୃତ କରିବାକୁ ନିଷ୍ପ□ ଗ୍ରହଣ କରାଯାଇଛି ।

ସଂଘର ଷ୍ଟେୟାରିଙ୍ଗ କମିଟି ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏହି ପଦକ୍ଷେପ ସଂଘର ନୀତି, ଶୃଙ୍ଖଳା ଓ ସଂଘଟିତ ଶକ୍ତିକୁ ଅକ୍ଷୁଣ୍ଣ ରଖିବା ପାଇଁ ନିଆଯାଇଛି ଏବଂ ଆଗାମୀଦିନରେ ଏପରି କୌଣସି ଅନୁଶାସନହୀନ କାର୍ଯ୍ୟ ପ୍ରତି ସଂଘ ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରିବ ଏବଂ ସଂଘର ସମସ୍ତ ସଭ୍ୟମାନଙ୍କୁ ନିବେଦନ କରାଯାଇଛି ସେମାନେ ଆଗାମୀ ଦିନରେ ସଂଗଠନ କାର୍ଯ୍ୟରେ ଶ୍ରୀ ବେହେରାଙ୍କ ସହ ଯୋଗାଯୋଗ ରଖିବେ ନାହିଁ ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ଆଜି ସକାଳ ଘ: ୭.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ଖଇରା ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଖଇରା ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ୧୦୪ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୮୮ ଗୋଟି ବ୍ୟକ୍ତିଗତ ଓ ୧୫ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧ ଗୋଟି



ରେଡ କ୍ରୋସ ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୬ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ବାଲେଶ୍ୱର ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ ଓ ଭାରପ୍ରାପ୍ତ ଉପ ଜିଲ୍ଲାପାଳ, ବାଲେଶ୍ୱର ଡଃ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ



# ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ





ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପଶ୍ଚିମବଙ୍ଗ ନିର୍ବାଚନ ପରିପ୍ରେକ୍ଷୀରେ ଆଜି ୨୧୯ ନମ୍ବର ଦାନ୍ତନ ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ଅଜିତ କୁମାର ଜାନାଙ୍କ ପାଇଁ ପଥପ୍ରାନ୍ତ ସଭା କରିବା ସହିତ ସୁପରଷ୍ଟାର ମିଥୁନ ଚକ୍ରବର୍ତୀଙ୍କ ସହିତ ଏକ ଦୀର୍ଘ ରୋଡ଼ ସୋ କରିଛନ୍ତି ।

# ଦାୟିତ୍ୱ ଗ୍ରହଣ କଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ

ବାଲେଶ୍ୱର, (ନି.ପ୍ର.): ଇତି ମଧ୍ୟରେ ରାଜ୍ୟ ସରକାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲ୍ଲା କ୍ଷେତ୍ରରେ ଗଠନ କରି ବିଭିନ୍ନ ଜିଲ୍ଲାର ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦେଇଛନ୍ତି । ବାଲେଶ୍ୱର ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂତନ ଅଧ୍ୟକ୍ଷ ତଥା ଭାଜପା ଦଳର ଜଣେ ସୁସଂଗଠକ କାର୍ଯ୍ୟକତା ବିପିନ ମାରାଣ୍ଡି ୧୩ ତାରିଖ ପୂର୍ବାହ୍ନରେ ନିଜର ଦାୟିତ୍ୱ ଗ୍ରହଣ କରି ଜିଲ୍ଲା ପ୍ରଶାସନକୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ତା'ଛଡ଼ା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି କି, ରାଜ୍ୟ ସରକାର ଯେଉଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି ତାହାର ଗାଇଡଲାଇନକୁ ଆଖି ଆଗରେ ରଖି ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କିପରି



ତ୍ୱରାନ୍ୱିତ ହୋଇପାରିବ ସେ ଦିଗରେ ସେ ପ୍ରଶାସନର ସହଯୋଗ କାମନା କରିବା ସହ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଦାସ, ବାଲେଶ୍ୱର ସାଂସଦ ପ୍ରଦାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ପ୍ରମୁଖ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଠାରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ପ୍ରତିଶ୍ରୁତି ପ୍ରତିଷ୍ଠାନ ପକ୍ଷରୁ ପ୍ରାଚୀନ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଚେତନା ଶୀର୍ଷକ ଆଲୋଚନା ଚକ୍ର

ବାରିପଦା(ନି.ପ୍ର.) ଓଡିଆ ପକ୍ଷ ପାଳନ ଅବସରରେ ମୟୂରଭଞ୍ଜର ଅଗ୍ରଣି ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ପ୍ରାଚୀନ ସାହିତ୍ୟରେ ପ୍ରାଚୀନ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଚେତନା ଶୀର୍ଷକ ଆଲୋଚନା ଚକ୍ର ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥୀ ଜେନାଙ୍କ ସଭାପତିତ୍ୱରେ ସ୍ଥାନୀୟ ମହର୍ଷି ପବ୍ଲିକ ସ୍କୁଲର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆଲୋଚନା ଚକ୍ରର ଆରମ୍ଭରେ "ପ୍ରତିଶ୍ରୁତି" ପତ୍ରିକାର ସମ୍ପାଦକ ଭାଗବତ ପଣ୍ଡା ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଭକ୍ତକବି ଦୀନକୃଷ୍ଣଙ୍କ ପର୍ଯ୍ୟନ୍ତ ପ୍ରାଚୀନ କବି ମାନଙ୍କ ସାହିତ୍ୟରେ ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ବର୍ଣ୍ଣିତ ସୁଲଳିତ ପଦାବଳୀକୁ ସୁନ୍ଦର ଭାବରେ ଉପସ୍ଥାପନ କରି ଓଡିଆ ଭାଷା ଓ ସାହିତ୍ୟର ଓ ପ୍ରତ୍ୟେକ ଓଡିଆଙ୍କର ଅସ୍ମିତାର ପ୍ରତୀକ ଶ୍ରୀ ଜଗନ୍ନାଥ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟ ବିଭାଗର ପ୍ରଫେସର ଡ. ବିଚିତ୍ର ନାଥ ସାହୁ ଓଡିଆ ଭାଷାର ଅତୀତ, ବର୍ତମାନ ଓ ଭବିଷ୍ୟତ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ଶ୍ରୀ ଜଗନ୍ନାଥ ସଂସ୍କୃତି ଏକ ଉନ୍ନତ ପାରିବାରିକ ଜୀବନର ଦୃଷ୍ଟାନ୍ତ ବୋଲି ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ କବୟିତ୍ରୀ ବିରଜା ଦେବୀ ଓ ସମାଜ ସେବୀ ଶରତ ଚନ୍ଦ୍ର ନାୟକ ଆମେ ନିଜକୁ ଓଡିଆ ବୋଲି ଗର୍ବ କରିବାକୁ ଆହ୍ୱାନ ଦେଇଥିଲେ । ସଭାପତି ଡା.ଜେନା ତାଙ୍କ ଅଭିଭାଷଣରେ ଛାତ୍ର ଛାତ୍ରୀମାନେ କ୍ରମଶଃ ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ଓଡିଆ ଭାଷା ଓ ଜାତିର ଅସ୍ତିତ୍ୱକୁ ଭୁଲିଯିବା ଏକ ନିନ୍ଦନୀୟ ଘଟଣା ବୋଲି ଉଲ୍ଲେଖ କରି ମାତୃଭାଷା ପ୍ରୀତିକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବୟିତ୍ରୀ ସୁଧାମୟୀ ଦାସ ଓ ମିନତୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ସ୍ନେହଲତା ନାୟକ, ନରସିଂହ ବାରିକ, ବନମାଳୀ ପାତ୍ର, ହରିହର ବେହେରା, ଭଗବତୀ ଦାଶ, ସବିତା ମିଶ୍ର, ରଶ୍ମିତା ପାତ୍ର,




ଡ.ଶଶିଧର ବିଶ୍ୱାଳ, ଡ.ସଞ୍ଜିବ କୁମାର ପାଣିଗ୍ରାହୀ, ପୁଷ୍ପଲତା ସାହୁ, ବାସନ୍ତୀଲତା ମହାପାତ୍ର, ଦୋଳଗୋବିନ୍ଦ ମହାନ୍ତ, ଭାସ୍ୱତୀ ପଣ୍ଡା, ସବିତା ରାଣୀ ସିଟ୍?, ରାଜଲକ୍ଷ୍ମୀ ଦାସ, ବିଶ୍ୱମିତ୍ରା ଦାସ, ଦୀପଙ୍କର ମିଶ୍ର, ଗୋପାଳ ଚନ୍ଦ୍ର ଦତ, ଦିଲ୍ଲୀପ କୁମାର ଆଇଚ୍?, ଅଶୋକ କୁମାର ପଲେଇ ଓ ଗୌରହରୀ ମହାନ୍ତ ପ୍ରମୁଖ ୩୦ରୁ ଉର୍ଦ୍ଧ୍ୱ କବି ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ବେଦପାଠ କରିଥିଲେ ଡ. ସଞ୍ଜିବ କୁମାର ପାଣିଗ୍ରାହୀ, ପ୍ରାରମ୍ଭରେ ଡ.ଶଶିଧର ବିଶ୍ୱାଳ ଅତିଥି ମାନଙ୍କୁ ମଂଚଆମନ୍ତ୍ରଣ କରିଥିବା ବେଳେ ପରିଶେଷରେ କବି ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଗଡେଶ୍ୱର ମହାଦେବଙ୍କ ଚଡ଼କ ଯାତ୍ରା ଉଦ୍‌ଯାପିତ

ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଂଚାୟତର ଖଗଡାପାଳ ଗ୍ରାମର ସର୍ବ ପୁରାତନ ଶୈବ ପିଠ ଖଗଡେଶ୍ୱର ମହାଦେବଙ୍କର ଚଡକ ଯାତ୍ରା ସୋମବାର ମହା ଆଡମ୍ବର ସହକାରେ ଉଦଯାପିତ ହୋଇଯାଇଛି । ଅନୁକୂଳ ପାଗ ପାଇଁ ୫୦ ହଜାରରୁ ଅଧିକ ଭକ୍ତଙ୍କ ସମାବେଶ ହୋଇଥିଲା । ଖଗଡ଼େଶ୍ୱର ପୀଠରେ ୧୩ ଦିନ ଧରି ବ୍ରତଧାରଣ କରିଥିବା ବ୍ରତାଧାରୀମାନେ ସୋମବାର ଅପରାହ୍ନରେ ଏକ ବିଶାଳ ଶୋଭାଯାତ୍ରାରେ ଶିବ ଓ ଦୁର୍ଗାଙ୍କ ସ୍ୱରୂପ କୁହାଯାଉଥିବା ଘଟକୁ ମୁଣ୍ଡାଇ ପରସ୍ପର କୁ ଚନ୍ଦନ ଲଗାଇ ମାଳା ପିନ୍ଧେଇ ଖଗଡେଶ୍ୱର ମନ୍ଦିର ଠାରୁ ମଧୁପୁରାସ୍ଥିତ ହାକାଣ୍ଡ ପୋଖରୀକୁ ଯାଇଥିଲେ । ପରମ୍ପରା ଅନୁଯାୟୀ ଉପନୀତ ଧାରୀ ମାନେ ମାଳାଚନ୍ଦିନୀ ହେବା ପରେ ମହାଦେବଙ୍କ ନିକଟରେ ନିଜର ମାନସିକ ରଖିଥିଲେ । ମାନସିକ ପୂରଣ ହେବା ବିଶ୍ୱାସରେ ବହୁ ଭକ୍ତ ସୁସଜ୍ଜିତ ଲୁହାକଂଟାକୁ ନିଜ ଦେହରେ ଫୋଡ଼ି, ବାଦ୍ୟର ତାଳେ ତାଳେ ନୃତ୍ୟ କରି ମନ୍ଦିରକୁ ଫେରିଥିଲେ । ଶତାଧିକ ମହିଳା ଭକ୍ତ ମୁଣ୍ଡରେ ଝୁଣା ସରା ମୁଣ୍ଡାଇ ଏକ ପଟୁଆରରେ ମନ୍ଦିର ଯାଏ ଆସି ବେଢ଼ା ପରିକ୍ରମା କରି ବ୍ରତ ସମାପନ କରିଥିଲେ । ପାଗ ଭଲ ଥିବାରୁ ଚଡ଼କ ମେଳା ଦେଖିବା ପାଇଁ ପ୍ରବଳ ଜନଗହଳି ହୋଇଥିଲା । ଚଡ଼କ ଯାତ୍ରାରେ ବ୍ରତଧାରି ମାନେ ପାଟଭକ୍ତା ପଦ୍ମଲୋଚନ ସାହୁଙ୍କ ନିର୍ଦ୍ଦେଶକୁ ପାଳନ କରିଥିବା ବେଳେ ପ୍ରଭାସ କୁମାର ସାହୁ ଶ୍ରୀବେକିଢ଼ି କାର୍ଯ୍ୟ ତୁଲାଇଥିଲେ । ଜିତେନ୍ଦ୍ରନାଥ ପାଠୀ ମନ୍ଦିର ପୂଜାର୍ଚ୍ଚନା କାର୍ଯ୍ୟ ତୁଲାଇ ଥିଲେ । ଖଗଡ଼ାପାଳ ଚଡକ ମେଳା କମିଟି ପକ୍ଷରୁ ମଧୁସୂଦନ ସାହୁ, ମୁରଲୀ ମୋହନ ସାହୁ, ରାମଚନ୍ଦ୍ର ତ୍ରିପାଠୀ, ଅରୁଣ ପରିଡ଼ା, ଇଂ. ସୁଶାନ୍ତ ଚକ୍ରବର୍ତୀ, ପ୍ରଫୁଲ୍ଲ ସାହୁ, ପ୍ୟାରୀମୋହନ ବିଶ୍ୱାଳ, ବିଜୟ ପାତ୍ର, ପଦ୍ମଲୋଚନ ଚକ୍ରବର୍ତୀ, ପ୍ରଦୀପ ବେହେରା ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ସେହିପରି ଜଗାଇ, ନିଖିରା, କୁଶୁଡ଼ିହା, ଦେଉଳା, କୁଦମାନସିଂ, ଚାନ୍ଦମଣି, କଷାଫଳ ଆଦି ସ୍ଥାନରେ ସୋମବାର ଚଡ଼କ ମେଳା ଉଦଯାପିତ ହୋଯାଇଛି । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବାଲିଆପାଳ ପୋଲିସ ବିଭିନ୍ନ ସ୍ଥାନରେ ସଜାଗ୍ର ରହିଥିଲେ ।

# ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର "ଦ ଭିଲେଜ୍ ଷ୍ଟୋର"କୁ ଉପମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ



କଟକ(ନିପ୍ର): ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗର ଅଧୀନରେ ଓରମାସ ପକ୍ଷରୁ କଟକର ନେତାଜୀ ବସ୍ ଟର୍ମିନାଲ ଠାରେ ନବ ସ୍ଥାପିତ "ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର – ଦ ଭିଲେଜ୍ ଷ୍ଟୋର" ର ସଫଳ ଶୁଭାରମ୍ଭ ପରେ ଆଜି ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି କେନ୍ଦ୍ରକୁ ପରିଦର୍ଶନ କରିଥିଲେ ।ଏହି ସମୟରେ କଟକ ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍, ଡିପୁଟି କମିଶନର ଅଫ୍ ପୋଲିସ୍, କଟକ ମହାନଗର ନିଗମ କମିଶନର ଓ ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ । ପରିଦର୍ଶନ ସମୟରେ ବିପିନ ରାଉତ ଓରମାସର ମାନ୍ୟବର ଉପମୁଖ୍ୟମନ୍ତ୍ରୀଙ୍କୁ ଏହି ବଜାରର ବିଶେଷ ପରିକଳ୍ପନା ବିଷୟରେ ଅବଗତ କରାଇଥିଲେ । ଏହି ପ୍ରୟାସ ମାଧମରେ ଗ୍ରାମୀଣ ସ୍ୱୟଂସାହାୟକ ଗୋଷ୍ଠୀ, କୃଷକ ଓ କାରିଗରମାନଙ୍କ ଉତ୍ପାଦିତ ପଣ୍ୟଗୁଡ଼ିକୁ ସରାସରି ବଜାର ସୁବିଧା ମିଳିବା ସହ ମଧ୍ୟସ୍ଥମାନଙ୍କୁ ଦୂର କରି ପ୍ରାଥମିକ ଉତ୍ପାଦକମାନଙ୍କୁ ଯଥାର୍ଥ ମୂଲ୍ୟ ନିଶ୍ଚିତ କରାଯାଉଛି । ସେହିପରି ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ଐତିହ୍ୟକୁ ଏଠାରେ ପ୍ରଦର୍ଶନ କରାଯାଉଛି । ମାନ୍ୟବର ଉପମୁଖ୍ୟମନ୍ତ୍ରୀ ମୂର୍ଯ୍ୟକାନ୍ତି ସିଂହ, ଯିଏ କଟକ ଗ୍ରାମୀଣ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡର ଜଣେ ଶେୟର ହୋଲ୍ଡର, ସହ ଆଲୋଚନା କରିଥିଲେ ଓ ଏହି ପ୍ରୟାସର ତଳ ସ୍ତରର ପ୍ରଭାବକୁ ସ୍ୱୀକାର କରି ପ୍ରଶଂସା କରିଥିଲେ । ସେ ଏଠାରେ ପ୍ରଦର୍ଶିତ ପଣ୍ୟର ଗୁଣତ୍ୱ, ବିବିଧତା ଓ ଉପସ୍ଥାପନା ପ୍ରତି ସନ୍ତୋଷ ବ୍ୟକ୍ତ କରିଥିଲେ । ଶ୍ରୀମତୀ ପରିଡା ଓରମାସର ଏହି ନୂତନ ପ୍ରୟାସକୁ ପ୍ରଶଂସା କରି ଗ୍ରାମୀଣ ଜୀବିକା ସୁଦୃଢ କରିବା, ମହିଳା ସ୍ୱୟଂସାହାୟକ ଗୋଷ୍ଠୀ ମାନଙ୍କୁ ସଶକ୍ତ କରିବା ଓ ଗ୍ରାମ ଓ ସହର ମଧରେ ସୁସ୍ଥାୟୀ ବଜାର ସଂଯୋଗ ସୃଷ୍ଟିରେ ଏହାର ଭୂମିକାକୁ ଉଲ୍ଲେଖ କରିଥିଲେ । ଏହି ପରିଦର୍ଶନ ରାଜ୍ୟ ସରକାରଙ୍କ ଅନ୍ତର୍ଭୁକ୍ତିମୂଳକ ବିକାଶ, ସ୍ଥାନୀୟ ଉଦ୍ୟମ ପ୍ରୋତ୍ସାହନ ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପ୍ରତି ଅଟୁଟ ପ୍ରତିବଦ୍ଧତାକୁ ପୁନରୁଚ୍ଚାର କରିଛି ।

# ଶିଳାନ୍ୟାସ ପରେ ବିବାଦ: କଣ୍ଡିଆ ନଦୀ ପୋଲ କ୍ୟାମ୍ପ ଭଙ୍ଗାରୁଜା



ଧାମନଗର(ନିପ୍ର): ଧାମନଗର ବ୍ଲକ ଭଟସାହି ପଂଚାୟତରେ ଫଳପୁର ପୃଷ୍ଟିସାହୀ ଠାରେ ପୋଲ କାର୍ଯ୍ୟ ଆରମ୍ଭବେଳେ ଅସାମାଜିକ ଲୋକ ଙ୍କ ବାଧା ସୃଷ୍ଟି । ସୁଚନା ଥାଉକି କଣ୍ଡିଆ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ପୋଲ କାର୍ଯ୍ୟ ଆରମ୍ଭ ବେଳେ ହିଁ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରୋଶର ଶିକାର ହୋଇଛି । ପୃଷ୍ଟି ସାହୀ ନିକଟରେ କଣ୍ଡିଆ ନଦୀ ଉପରେ ଏହି ପୋଲ ନିର୍ମାଣ ପାଇଁ ମାତ୍ର ନିକଟରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶିଳାନ୍ୟାସ କରିଥିଲେ । ତେବେ ଏହି ପୋଲର ସ୍ଥାନ ନିରୂପଣକୁ ନେଇ ପୂର୍ବରୁ ସ୍ଥାନୀୟ ଅଂଚଳରେ ବିବାଦ ରହିଥିଲା, ଯାହାକୁ ନେଇ ପୂର୍ବରୁ ମଧ ଉତେଜନା ପ୍ରକାଶ ପାଇଥିଲା । ରବିବାର ଦିନ ପୋଲ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ପକ୍ଷରୁ କାର୍ଯ୍ୟସ୍ଥଳରେ କ୍ୟାମ୍ପ ନିର୍ମାଣ କରାଯାଉଥିଲା । ଏହି ସମୟରେ କିଛି ଅସାମାଜିକ ବ୍ୟକ୍ତି ସେଠାରେ ପହଂଚି କ୍ୟାମ୍ପକୁ ଭାଙ୍ଗିରୁଜି ଦେବା ସହ କାର୍ଯ୍ୟରେ ନିୟୋଜିତ ସୁପରଭାଇଜରଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି । ସ୍ଥାନ ନିରୂପଣ ବିବାଦକୁ କେନ୍ଦ୍ର କରି ଏଭଳି କାଣ୍ଡ ଘଟାଯାଇଥିବା ସନ୍ଦେହ କରାଯାଉଛି । ଏହି ଘଟଣାକୁ ନେଇ ଆଜି ସଂପୃକ୍ତ ବିଭାଗ ଓ ଠିକାଦାରଙ୍କ ପକ୍ଷରୁ ଧୁଷୁରୀ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗକୁ ଭିତି କରି ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତଦନ୍ତ ଆରମ୍ଭ କରିଛି । ମନ୍ତ୍ରୀଙ୍କ ଶିଳାନ୍ୟାସ ପରେ ଏଭଳି ବିଶୃଙ୍ଖଳା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଥାଉକି ରାଜନୈତିକ ଛକା ଛକି ରେ ସେଠାରେ କିଛି ଦିନ ହେବ ଅଶାନ୍ତି ର ବାତାବରଣ ସୃଷ୍ଟି ହୋଇ ଥିଲା ଯାହାକୁ ନେଇ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ତେବେ ତେବେ ପୋଲ କାମରେ କୌଣସି ଅସୁବିଧା ହେବନି ଯେଉଁମାନେ ପୋଲ ନିର୍ମାଣ କାମରେ ବାଧା ସୃଷ୍ଟି କରିବେ ସେମାନଙ୍କ ବିରୋଧ ରେ କାର୍ଯ୍ୟାନୁଷ୍ଠାନ ହେ୍ବ ବୋଲି ଥାନା ଅଧିକାରୀ କହିଛନ୍ତି ।

# ଡା. ଏଚକେ ମହତାବ କଲେଜରେ ଯୋଗଦେଲେ ନୂତନ ଅଧ୍ୟକ୍ଷ



ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡା ହରେକୃଷ୍ଣ ମହତାବ କଲେଜରେ ଦୀର୍ଘଦିନ ଧରି ଅଧ୍ୟକ୍ଷ ପଦ ଖାଲି ପଡିବା ପରେ ସୋମବାର ନୂତନ ଅଧ୍ୟକ୍ଷ ଭାବେ କପ୍ତିପଦା କଲେଜ ଇଂରାଜୀ ଅଧ୍ୟାପକ ସରୋଜ ଲେଙ୍କା ଅଧ୍ୟକ୍ଷ ଭାର ଗ୍ରହଣ କରିଛନ୍ତି । ପାଖାପଖି ୬ମାସ ଧରି ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଯୁଧିଷ୍ଠିର କୁଅଁର ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଥିଲେ । କଲେଜରେ ଶୈଖିକ ପରିବେଶ ସୃଷ୍ଟି କରିବା ତଥା ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ତାଙ୍କର ପ୍ରାଥମିକତା ହେବ ବୋଲି ଅଧ୍ୟକ୍ଷ ଲେଙ୍କା ପ୍ରକାଶ କରିଛନ୍ତି । ଦାୟିତ୍ୱ ଗ୍ରହଣ ସମୟରେ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ



ପୁରୀ(ନିପ୍ର): ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିବସରେ ଆଜି ଅପରାହ୍ନ ରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଠାରେ ଆମ ରୁଚି ଆମ ଖାଦ୍ୟ ସମ୍ପର୍କରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଜିଲ୍ଲା ପରିଷଦ ଆନୁକୂଲ୍ୟରେ ଓ ଓରମାସ, ପୁରୀ ସହଯୋଗ ରେ ଏହି ଜିଲ୍ଲା ସ୍ତରୀୟ ପାରମ୍ପରିକ ଖାଦ୍ୟ ଦିବସ ରେ ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଯୋଗ ଦେଇ ଆମ ପାରମ୍ପରିକ ଖାଦ୍ୟ ମେଳା ପରିଦର୍ଶନ କରିଥିଲେ । ଏହି ଖାଦ୍ୟ ଷ୍ଟଲରେ ଓଡ଼ିଆ ଘରର ଚନ୍ଦ୍ରକାନ୍ତି ପିଠା, ମାଲପୁଆ, ଚୁଡା କଦମ୍ବା, ଡାଲମା, କାକେରା ପିଠା, ଆରିଷାପିଠା, କ୍ଷୀର ପୋଡ ପିଠା, ସିଝା ମଣ୍ଡା ପିଠା, ଡାଲିଆ ପିଠା, ମାଣ୍ଡିଆ ସର୍ବତ, ସୁଆଁ ଖିରୀ, କଳା ଚାଉଳ ଖିରୀ, ପୋଦିନା ସର୍ବତ, ମାଣ୍ଡିଆ କାଞ୍ଜି, ଚାଉଳ ବରା, ଲାଉ ଚିତଉ ପିଠା, ଅପରାଜିତା ଫୁଲ ମଣ୍ଡା ପିଠା, ମାଣ୍ଡିଆ ଓ ଗୁଡ ପିଠା ଇତ୍ୟାଦି ଏହି ଖାଦ୍ୟ ମେଳାରେ ପ୍ରଦର୍ଶିତ ହୋଇଥିଲା । ପରେ ଖାଦ୍ୟ ପ୍ରସ୍ତୁତ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମା' ମାନଙ୍କ ମଧ୍ୟରୁ ପ୍ରଥମ ହୋଇଥିବା ମା ସନ୍ତୋଷି ସ୍ୱୟଂ ସହାୟକ ଗୋଷ୍ଠୀ, ଦ୍ୱିତୀୟ ହୋଇଥିବା ଶ୍ରୀକ୍ଷେତ୍ର ମଲ୍ଟି ଆକ୍ଟିଭିଟି ଉତ୍ପାଦକ ଗୋଷ୍ଠୀ, ସତ୍ୟବାଦୀ ଓ ଯୁଗ୍ମ ତୃତୀୟ ହୋଇଥିବା ଭୁବନେଶ୍ୱରୀ ଉତ୍ପାଦକ ଗୋଷ୍ଠୀ, ପୁରୀ ସଦର ଏବଂ କୁଞ୍ଜେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ, ପୁରୀ ସଦରଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଏପିଡି ବାଣୀ ଭୂଷଣ ଦାଶ, ତୃପ୍ତି ବଡଜେନା, ଓରମାସର ଡେପୁଟି ସିଇଓ ନିଗମ ଚରଣ ଦାଶ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ରମ, ଚନ୍ଦ୍ରପ୍ରଭା ଦେଇ, ବାଲ୍ୟବତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଧାରଣାରେ ବସିବେ ସିଭିଲ ସୋସାଇଟି

ବୈଶିଙ୍ଗା(ନିପ୍ର): ଆଗାମୀ ଅପ୍ରେଲ ୨୩ ଓ ୨୪ ତାରିଖ ଦୁଇଦିନ ଧରି ବେତନଟୀ ର ଚଣ୍ଡୀ ଛକରେ ଏକ ଗଣ ଧାରଣାର ଆୟୋଜନ କରିଛି, ସିଭିଲ ସୋସାଇଟି । ବେତନଟୀ । ବହୁବାର ଲିଖିତ ଓ ମୌଖିକ ଭାବେ ସ୍ଥାନୀୟ ସରପଂଚ, ବିଡିଓ, ପୋଲିସ କର୍ତୃପକ୍ଷ ଓ ପୂର୍ତ ବିଭାଗୀୟ ଅଧିକାରୀମାନଙ୍କୁ ତିନିଗୋଟି ସମସ୍ୟା ଜଣାଇ ସମାଧାନ ହେଲାନାହିଁ । ବେତନଟୀବାସୀଙ୍କ ସମସ୍ୟା ଦୂର ପାଇଁ ପ୍ରଚଣ୍ଡ ଖରାରେ ଧାରଣା ଦେବାର ସଂକଳ୍ପ ନେଇଛି, ଷାଠିଏ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିମାନଙ୍କ ସରକାରୀ ସୀକୃତିପ୍ରାପ୍ତ ଏହି ସଂଗଠନ । ବେତନଟୀ ଚଣ୍ଡିଛକ ରାସ୍ତାର ଉଭୟ ପାଖରେ ଅମାନିଆ ଚାଳକ ମାନଙ୍କ ନିମନ୍ତେ ହମ୍ପସ୍ ନିର୍ମାଣ ଓ ଗତିରୋଧକ ସାଇନ ବୋର୍ଡ଼ ଲଗାଇବା, ସେଠାରେ ତିନିବର୍ଷରୁ ଅଧିକ ସମୟ ଖରାପ ଥିବା ବିଦ୍ୟୁତ୍ ଆଲୋକ ସଜାଡି ଦୁର୍ବୃତ ମାନଙ୍କୁ ଅନ୍ଧାରର ସୁଯୋଗ ନ ଦେବା ଏବଂ ସେହିଠାରେ ଅବିଳମ୍ବେ ସିସିଟିଭି କ୍ୟାମେରା ଲଗାଇବା ଇତ୍ୟାଦି ଦାବି ପାଇଁ ଆନ୍ଦୋଳନ କରିବାକୁ ସୋସାଇଟି ବାଧ ହୋଇଛି ବୋଲି ସଭାପତି ଚୂଡାମଣି ମହାପାତ୍ର ଓ ସାଧାରଣ ସମ୍ପାଦକ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ଜଣାଇଛନ୍ତି । ଏଥିସହ କାର୍ଯ୍ୟକାରୀ ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସଂପାଦକ ଶ୍ରୀ ମହାନ୍ତି ଅପ୍ରେଲ ୧୩ ତାରିଖରେ ସ୍ଥାନୀୟ ପୂର୍ତ ବିଭାଗ, ପୋଲିସ ବିଭାଗ, ପଂଚାୟତରାଜ ବିଭାଗ, ପୋଲିସ ଉପଖଣ୍ଡ ଅଧିକାରୀଙ୍କୁ ସାକ୍ଷାତ କରି ଲିଖିତ ଭାବେ ଏହା ଜଣାଇଛନ୍ତି । ଏଥିସହ ଡାକ ଯୋଗେ ଉପଜିଲ୍ଲାପାଳ, ମାନ୍ୟବର ବିଧାୟକ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମହୋଦୟ ଗଣଙ୍କୁ ଏହା ଜଣାଇ ଦିଆଯାଇଅଛି । ଜିଲ୍ଲାପାଳ ଓ ଏସ.ପି.ମହୋଦୟଙ୍କୁ ବ୍ୟକ୍ତିଗତ ସାକ୍ଷାତ । ଆଲୋଚନା ମଧ କରାଯିବାର ଯୋଜନା ରହିଛି ବୋଲି ଯୁଗ୍ମ ସଂପାଦକ ରବୀନ୍ଦ୍ର ନାଥ ମିଶ୍ର ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି ।


# ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଘରେ କଳାକନା ବୁଲେଇଲେ ଚୋର

ସୋର(ନିପ୍ର): ସୋର ଥାନା ଅନ୍ତର୍ଗତ ସବିରା ପଂଚାୟତର ବାଉଁଶ ଖୁଂଟା ଗ୍ରାମରେ ଗୋଟିଏ ପରିବାର ଲୋକେ ଯାତ୍ରା ଦେଖିବାକୁ ଯାଇଥିବା ସୁଯୋଗ ନେଇ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ । ରାତିରେ ଏହି ଗ୍ରାମର ସଞ୍ଜୟ ମାଝୀ ସପରିବାର ଯାତ୍ରା ଦେଖିବା ପାଇଁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଘର ପଛପଟେ ତାର ଜାଲି ଡେଇଁ ଦୁଇଟି ଘରର ୬ଟି ତାଲା ଭାଙ୍ଗି ଦୁଇଟି ଗଡରେଜରୁ ସୁନା ରୁପା ଗହଣା ସହିତ ନଗଦ ଟଙ୍କା ଲୁଟ୍ ହୋଇଯାଇ ଥିବା ଜଣାଯାଇଛି । ଏ ସଂପର୍କରେ ଶ୍ରୀ ମାଝୀ ଏବଂ ପରିବାର ଲୋକେ ଭୋର ଯାତ୍ରାଦେଖି ଫେରିବା ପରେ ଦେଖିବାକୁ ପାଇଥିଲେ । ଏଥି ସହିତ ଗୋଟିଏ ଡିଜେଲ ପାଣି ମଟର ମଧ ଚୋରି ହୋଇଥିବା ଦେଖିବାକୁ ମିଳିଥିଲା । ଖବର ପାଇ ଗ୍ରାମବାସୀମାନେ ପହଞ୍ଚ ପୁଲିସରେ ଖବର ଦେବାକୁ ପରାମର୍ଶ ଦେଇଥିଲେ ବି ପୋଲିସ୍ ଉପରେ ଭରସା ନ ଥିବାରୁ ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇ ନଥିବା ଜଣାଯାଇଛି ।

# ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଜିଲ୍ଲା ସ୍ତରୀୟ ତିରୋଧାନ ଦିବସ ପାଳିତ



ନୟାଗଡ଼(ନିପ୍ର): ଓଡିଶାର ଯେଉଁ ବ୍ୟକ୍ତି ପ୍ରଥମେ ମହାତ୍ମା ଗାନ୍ଧୀଙ୍କୁ ସାକ୍ଷାତ କରି ଓଡ଼ିଆଙ୍କ ଦୁରବସ୍ଥା ଓ ଦୁଃଖ ଦୁର୍ଦ୍ଦଶା ଜଣାଇ ଥିଲେ ସେ ହେଉଛନ୍ତି ଗାନ୍ଧୀ ବାଦୀ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର । ଓଡିଶାର ମହାନାୟକ ଗାନ୍ଧୀଙ୍କ ପ୍ରିୟ ଓଡିଆ ପୂଜ୍ୟ ବିପ୍ଳବୀ ଶ୍ରୀ ମିଶ୍ର ଙ୍କର ତିରୋଧାନ ଦିବସ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼ ଓ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ, ନୟାଗଡ଼ଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ହାଉସିଂ ବୋର୍ଡ଼ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସଂପାଦକ ଶ୍ରୀଧର ସାହୁଙ୍କ ସଂଯୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯୋଗଦେଇ ବିଦ୍ୟାଳୟ ପରିସରରେ ସ୍ଥାପିତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ପ୍ରତିମୂର୍ତିରେ ଧୂପ ଓ ପୁଷ୍ପମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ, ନୟାଗଡ଼ର ସଭାପତି ପ୍ରସନ୍ନ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ସ୍ମୃତି ଚାରଣ ସଭାରେ ମୁଖ୍ୟ ଅତିଥି ସାରଗର୍ଭକ ଆଲୋଚନା କରି ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ଥିଲେ ଦଶପଲ୍ଲା ଗଡଜାତର ପ୍ରଥମ ବିଧାୟକ, ନୟାଗଡ଼ ଜିଲ୍ଲାର ପ୍ରଥମ ରାଜ୍ୟ ସଭା ସଦସ୍ୟ ଓ ତିନି ତିନିଥର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା ପ୍ରଥମ ଓଡିଆ ପ୍ରାବନ୍ଧିକ ବୋଲି କହିବା ସହିତ ଅଧୁନା ଛାତ୍ରଛାତ୍ରୀ ମାନେ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଜୀବନି ବିଷୟରେ ପାଠ ପଢିବାକୁ ଅନୁରୋଧ କରିଥିଲେ । ଗାନ୍ଧୀବାଦୀ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କର ସ୍ମୃତି ଚାରଣ ହିଁ ଆମ ସମସ୍ତଙ୍କର ଜାତୀୟ କର୍ତବ୍ୟ ବୋଲି ସମସ୍ତଙ୍କୁ ନିବେଦନ କରିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରମୋଦ ପଟ୍ଟନାୟକ ଯୋଗ ଦେଇ ପୂଜ୍ୟ ବିପ୍ଳବୀଙ୍କର ସ୍ମୃତିଚାରଣ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କ ମଧରେ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଜୀବନୀ ଆଧାରିତ ଡିବେଟ ପ୍ରତିଯୋଗିତା କରିବା ପାଇଁ କାର୍ଯ୍ୟକର୍ତା ମାନଙ୍କୁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାରତ ବିକାଶ ପରିଷଦ, ସିଭିଲ ସୋସାଇଟି, ସୋହମ ଆଦି ବହୁ ସାମାଜିକ ଅନୁଷ୍ଠାନ ଯୋଗଦେବା ସହିତ ସମାଜସେବୀ ଅରୁଣ କୁମାର ମହାନ୍ତି, ଅନାଦି ଚରଣ ମହାନ୍ତି, ଗୋଦାବରୀଶ ସାହୁ, ନିରଂଜନ ମିଶ୍ର, କାମାକ୍ଷା ପ୍ରସାଦ ଦାସ, ସୁବଳ ଚରଣ ବେହେରା, ଉଦ୍ୟନାଥ ନାୟକ ଆଦି ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ବିଦ୍ୟାଳୟର ସମସ୍ତ ସେବାବ୍ରତୀ ଆଚାର୍ଯ୍ୟ ଆଚାର୍ଯ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲା ବେଳେ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ ସମ୍ପାଦକ ପ୍ରଦୀପ କୁମାର ସାହୁ ସ୍ୱାଗତ ଅଭିଭାଷଣ କରିଥିବା ବେଳେ ବିଦ୍ୟାଳୟ ସଂପାଦକ ଶ୍ରୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।





**ଅନ୍ୟମାନଙ୍କୁ ସବୁବେଳେ ସନ୍ଦେହ କଲେ ଜୀବନଟା ଶୂନ୍ୟ ବା ଏକୁଟିଆ ହୋଇଯାଏ ।**

# ଆଜିକାଲି




ସମଃ ଶତ୍ରୌ ଚ ମିତ୍ରେ ଚ, ତଥା ମାନାପମାନୟୋଃ ।
ଶୀତୋଷ୍ଣସୁଖଦୁଃଖେଷୁ, ସମଃ ସଙ୍ଗବିବର୍ଜିତଃ ॥
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ :ରାଗ, ହିଂସା, କାମନାଶୂନ୍ୟ, ପାପପୁଣ୍ୟ, ଶୁଭାଶୁଭ ଜାଣେ ନାହିଁ, ସେମାନେ ସର୍ବଦା ଅନୁରାଗୀ ହେତୁ ମୋର ପ୍ରିୟ ଅଟନ୍ତି




## ଓଡ଼ିଆ ନବବର୍ଷ

ମହାବିଷୁବ ସଂକ୍ରାନ୍ତି ଓଡ଼ିଆମାନଙ୍କର ଏକ ବିଶିଷ୍ଟ ପର୍ବ । ଏହି ପର୍ବ ଓଡ଼ିଆଙ୍କର ସାମାଜିକ, ସାଂସ୍କୃତିକ ଓ ଆଧାତ୍ମିକ ଭିତିଭୂମିକୁ ସୁଦୃଢ଼ କରିଛି । ସୌରମାନ ଗଣନା ଅନୁଯାୟୀ ସୂର୍ଯ୍ୟ ଗୋଟିଏ ରାଶିରେ ଏକ ମାସ ଅବସ୍ଥାନ କରି ଅନ୍ୟ ରାଶିକୁ ଗମନ କରନ୍ତି । ଯେଉଁ ଦିନ ଅନ୍ୟ ରାଶିକୁ ଗମନ କରନ୍ତି, ସେହି ଦିନକୁ ମାସର ପ୍ରଥମ ଦିନ ବା ସଂକ୍ରାନ୍ତି କୁହାଯାଏ । ସଂକ୍ରାନ୍ତି ଶବ୍ଦଟି ସଂସ୍କୃତ ଭାଷାର ସଂକ୍ରମଣ ଶବ୍ଦରୁ ଆସିଛି । ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବେ ଗ୍ରହଣ କରାଯାଇଥିବାରୁ, ଆଜି ଓଡ଼ିଆ ନବ ବର୍ଷର ପ୍ରଥମ ଦିନ । ବର୍ଷର ପ୍ରଥମ ଦିନ ହୋଇଥିବାରୁ, ଏହି ଉପଲକ୍ଷେ ପ୍ରତ୍ୟେକ ଓଡ଼ିଆ ଘରେ, ଦେବାଦେବୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାପାଠ, ଭୋଗରାଗ, ହୋମାଦି ଅନୁଷ୍ଠିତ ହୁଏ । ଏହି ଦିନରେ ମନ୍ଦିର ମାନଙ୍କରେ ଛତୁ ଓ ପଣା ଭୋଗର ବିଧି ରହିଛି । ପଡ଼ୋଶୀ, ବନ୍ଧୁବାନ୍ଧବ, ବ୍ରାହ୍ମଣ ମାନଙ୍କୁ ପଣା ବଂଟାଯାଏ । ଏହି କାରଣରୁ ଏହାକୁ ପଣା ସଂକ୍ରାନ୍ତି ମଧ୍ୟ କୁହାଯାଏ । ଏହି ସମୟରେ ଜଳଦାନ କଲେ ପୁଣ୍ୟ ହୁଏ । ତେଣୁ, ପଣା ସଂକ୍ରାନ୍ତିରୁ ରାସ୍ତା କଡ଼ରେ ବାଟୋଇଙ୍କ ତୃଷା ନିବାରଣ ପାଇଁ ଜଳଛତ୍ର ଖୋଲଯାଏ । ଏହାଛଡ଼ା ଗଛ ମୂଳରେ ଜଳଦାନ ପ୍ରଥା ପ୍ରଚଳିତ । ଚଉଁରାରେ ପୂଜିତ ତୁଳସୀ ଗଛ ଉପରେ ଛାମୁଡ଼ିଆ ବନ୍ଧାଯାଇ, ଠେକିରେ ଜଳ ରଖି, ଅତି କ୍ଷୁଦ୍ର କଣା ମାଧ୍ୟମରେ ଜଳଧାରର ବ୍ୟବସ୍ଥା କରାଯାଏ । ଏହି ଦିନକୁ ମହାବୀର ହନୁମାନଙ୍କ ଜୟନ୍ତୀ ଭାବେ ଗ୍ରହଣ କରାଯାଇଛି । ଭାରତ ବର୍ଷରେ ପ୍ରାୟତଃ ବିଭିନ୍ନ ରାଜ୍ୟରେ ପଞ୍ଜିକା ଗଣନା ଅନୁସାରେ ଭିନ୍ନ ଭିନ୍ନ ଦିନରେ ନବବର୍ଷରେ ପାଳନ ପ୍ରଥା ରହିଆସିଛି । ସେହିପରି ଓଡ଼ିଆ ଗଣନା ଅନୁସାରେ ଏହି ଦିନରୁ ଓଡ଼ିଆ ନବବର୍ଷର ପ୍ରାରମ୍ଭ ଭାବେ ପାଳନ କରାଯାଇଥାଏ । ବୈଜ୍ଞାନିକ ମତାନୁସାରେ ଉତର ଗୋଲାର୍ଦ୍ଧ ଏବଂ ଦକ୍ଷିଣ ଗୋଲାର୍ଦ୍ଧ ଭାବରେ ବିଷୁବ ରେଖା ପୃଥିବୀକୁ ଦୁଇ ଭାଗରେ ବିଭକ୍ତ କରିଛି । ଏହି ଦିନ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧରୁ ଉତରକୁ ଗତି କରି ବିଷୁବ ରେଖା ଉପରେ ଅବସ୍ଥାନ କରିଥାନ୍ତି ଏବଂ ଧୀରେ ଧୀରେ ଉତର ଗୋଲାର୍ଦ୍ଧରେ ସୂର୍ଯ୍ୟଙ୍କର ଆଗମନ ବଢ଼ି ଚାଲିଥାଏ । ଆମର ଭାରତ ବର୍ଷ ଉତର ଗୋଲାର୍ଦ୍ଧରେ ଅବସ୍ଥିତ ଥିବାରୁ ଏହି ଦିନ ଠାରୁ ସୂର୍ଯ୍ୟଙ୍କ କିରଣ ଧୀରେ ଧୀରେ ପ୍ରଖର ହେବାକୁ ଲାଗିଥାଏ । ବିଷୁବ ରେଖା ଉପରେ ସୂର୍ଯ୍ୟଙ୍କ ଅବସ୍ଥାନ ପାଇଁ ଏହିଦିନଟିକୁ ବିଷୁବ ସଂକ୍ରାନ୍ତି ଭାବେ ମଧ୍ୟ ଗଣାଯାଇ ଥାଏ । ଏହି ଦିନକୁ ଓଡ଼ିଶାରେ ନବବର୍ଷର ପ୍ରଥମ ଦିନ ଭାବେ ଗଣାଯାଇଥାଏ । କରୋନା ମହାମାରୀ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲା ସମଗ୍ର ବିଶ୍ୱକୁ ଅସ୍ତବ୍ୟସ୍ତ କରିଦେବା ପରେ ସମ୍ଭବତଃ ଚଳିତ ବର୍ଷଟି ଏଥିରୁ ମୁକ୍ତି ପାଇବା ପାଇଁ ଯାଉଛି । ପବିତ୍ର ମହାବିଷୁବ ସଂକ୍ରାନ୍ତି କେବଳ ଓଡ଼ିଆ ବା ଭାରତୀୟଙ୍କ ପାଇଁ ନୁହେଁ ସମଗ୍ର ବିଶ୍ୱବାସୀଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ, ଆନନ୍ଦପ୍ରଦ ହେଉ ଏହା ହିଁ କାମନା ।

# ମହାବିଷୁବ ସଂକ୍ରାନ୍ତି

◆ ଡକ୍ଟର ରାଜକିଶୋର ମିଶ୍ର

ଓଡ଼ିଶାବାସୀଙ୍କ ପାଇଁ ପଣା ସଂକ୍ରାନ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପର୍ବ । ଏହି ଦିନ ଠାରୁ ଓଡ଼ିଆ ନବବର୍ଷ ଆରମ୍ଭ ହୋଇଥାଏ । ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଥାଏ । ଚଉଁରା ଓ ବେଲଗଛ ମୂଳେ ବେଲପଣା ଭୋଗ ଲଗାଯାଇଥାଏ । ବସୁନ୍ଧରା ଠେକିରେ ଏକ କଣା କରି ସେଥିରେ ଛତୁଆ, ଦହି, ଗୁଡ଼ ମିଶା ବେଲପଣା ରଖି ଚଉଁରାରେ ଟଙ୍ଗା ଯାଇଥାଏ । ଏହି ଅବସରରେ ଦକ୍ଷିଣ ଓଡ଼ିଶାରେ ଝାମୁଯାତ୍ରା, ଦଣ୍ଡ ନାଚ ଓ ଉତର ଓଡ଼ିଶାରେ ଚଡ଼କ ପର୍ବ ବେଶ୍ ଧୂମଧାମରେ ପାଳିତ ହୋଇଥାଏ । ଦଣ୍ଡପାଟୁଆମାନେ ଠାକୁରାଣୀଙ୍କ ମନ୍ଦିର ଆଗରେ ନିଆଁରେ ଚାଲିଥାନ୍ତି । ମହାବିଷୁବ ସଂକ୍ରାନ୍ତି ଠାରୁ ଓଡ଼ିଆ ନୂଆବର୍ଷ ଆରମ୍ଭ ହେଉଥିବାରୁ ଘରେ ଘରେ ଦେବାଦେବୀଙ୍କ ସ୍ଥାନାନ୍ତର ପୂଜା, ଭୋଗ, ହୋମ ଆଦି ଅନୁଷ୍ଠିତ ହୋଇଥାଏ । ନୂଆ ଓଡ଼ିଆ ପଞ୍ଜିକା ପ୍ରଚଳିତ ହୋଇଥାଏ । ପଣା ସଂକ୍ରାନ୍ତିରେ ଲୋକମାନେ ବ୍ରତ ଧାରଣ କରିଥାନ୍ତି । ଏହି ଦିନ ହନୁମାନଙ୍କ ଜୟନ୍ତୀ ହୋଇଥିବାରୁ ହନୁମାନଙ୍କ ପୂଜା ମଧ୍ୟ କରାଯାଇଥାଏ । ଅଗ୍ନି ଓ ବାୟୁଙ୍କ କୋପରୁ ରକ୍ଷା ନିମନ୍ତେ ହନୁମାନଙ୍କ ପୂଜା ଅନୁଷ୍ଠିତ ହୋଇଥାଏ । ଓଡ଼ିଆ ଜନଜୀବନରେ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ସଂକ୍ରାନ୍ତି ଦିନ ଠାରୁ ବୃକ୍ଷ ଜଗତ ଓ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହାକୁ ଅନ୍ୟ ଭାବରେ କେହି କେହି ଜଳ ସଂକ୍ରାନ୍ତି ବୋଲି କହିଥାନ୍ତି । ଏହି ଦିନରୁ ବାୟୁର ଗତି ପ୍ରଖର ହୋଇଥାଏ ଏବଂ କିଛି ଆଧାତ୍ମିକ ଶ୍ରଦ୍ଧାଳୁମାନେ ବ୍ରାହ୍ମଣ ବା ଯାଚକ ମାନଙ୍କୁ ସୂର୍ଯ୍ୟଦେବଙ୍କ କୋପରୁ ରକ୍ଷା କରିବା ପାଇଁ ସେମାନଙ୍କୁ ତାଳପତ୍ରରେ ତିଆରି ଛତ୍ର ବା କଠଉ ପାଦୁକା ପ୍ରଦାନ କରାଯାଇଥାଏ । ଏହି ସଂକ୍ରାନ୍ତିର ଆଉ ଏକ ବଶେଷତ୍ୱ ହେଉଛି ଆମ ରାଜ୍ୟରେ ପବିତ୍ର ଝାମୁବ୍ରତର ଉଦ୍ଯାପନ ହୋଇଥାଏ ଯାହାକି ଏକ ମାସ ପୂର୍ବରୁ ବ୍ରତଚାରୀମାନେ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରିଥାନ୍ତି । କେବଳ ଓଡ଼ିଶା ନୁହେଁ ଭାରତର ଉତର ଭାଗରେ ମହାବିଷୁବ ସଂକ୍ରାନ୍ତିକୁ ଭିନ୍ନ ଭିନ୍ନ ଆଧାତ୍ମିକ ଭାବନାରେ ପାଳନ କରାଯାଇଥାଏ । ମହାବିଷୁବ ସଂକ୍ରାନ୍ତି ଠାରୁ ଧାନ୍ୟ, ଲବଣ, ଭୋଗ, ରୂପ, ତେଜ, ସୌଭାଗ୍ୟ, ତାମ୍ବୁଳ, ମନୋରଥ, ଅଶୋକ, ଆୟୁ ଏବଂ ଧନ ସଂକ୍ରାନ୍ତି ବ୍ରତ ସେମାନେ ଆରମ୍ଭ କରନ୍ତି । ଏହି ବ୍ରତ ଯେଉଁମାନେ ପାଳନ କରନ୍ତି ସେମାନେ ମହାବିଷୁବ ସଂକ୍ରାନ୍ତି ଠାରୁ ନିଜର ମନୋମତ ବ୍ରତ ଆରମ୍ଭ କରି ପୁଣି ବର୍ଷକ ପରେ ମହାବିଷୁବ ସଂକ୍ରାନ୍ତି ଦିନ ଏହି ବ୍ରତକୁ ଉଦ୍ଯାପନ କରନ୍ତି । ମାର୍ଚ୍ଚ ମାସ ୨୩ ତାରିଖ ଏବଂ ସେପ୍ଟେମ୍ବର ମାସ ୨୧ ତାରିଖ ଦିନ ସୂର୍ଯ୍ୟ ବିଷୁବରେଖାରେ ରହୁଥିବାରୁ ସେ ଦିନ ଦିନରାତି ସମାନ ହୁଏ । ମାର୍ଚ୍ଚ ୨୩ ତାରିଖ ଠାରୁ ସୂର୍ଯ୍ୟ କର୍କଟକ୍ରାନ୍ତି ଯାଉଥିବାରୁ ସେହିଦିନଠାରୁ ଭାରତବର୍ଷରେ ସୂର୍ଯ୍ୟତାପ ପ୍ରଖର ହୁଏ । ପଣା ସଂକ୍ରାନ୍ତି ସମୟକୁ ସୂର୍ଯ୍ୟଙ୍କ କିରଣ ବୃଦ୍ଧି ପାଇଥାଏ । ତେଣୁ ଏ ସମୟରେ ହଜମ ଶକ୍ତି ବୃଦ୍ଧି ପାଏ । ଗରିଷ୍ଠ ଖାଦ୍ୟ ସହଜରେ ହଜମ ହେଉଥିବାରୁ ଏହି ସଂକ୍ରାନ୍ତିରେ ବୁଟଛତୁ ପରି ଗରିଷ୍ଠ ଖାଦ୍ୟପଦାର୍ଥ ଗ୍ରହଣ କରିବା ପାଇଁ ଆୟୋଜନ ହୋଇଥାଏ । ଦେହର ଅତ୍ୟଧିକ ତାପଶକ୍ତି ସମ ଅବସ୍ଥାକୁ ଆଣିବା ପାଇଁ ପଣା ପାନ କରିବାର ବ୍ୟବସ୍ଥା ମଧ୍ୟ ଖଞ୍ଜି ଦିଆଯାଇଛି । ତେଣୁ ମହାବିଷୁବ ସଂକ୍ରାନ୍ତି ଦିନ ପ୍ରତ୍ୟେକ ଦେବଦେବୀ ମନ୍ଦିରରେ ଛତୁ ଓ ପଣା ଭାବରେ ବିଧି ରହିଛି । ତେଣୁ ମହାବିଷୁବ ସଂକ୍ରାନ୍ତିକୁ ପଣା ସଂକ୍ରାନ୍ତି ବୋଲି କୁହାଯାଏ । ମହାବିଷୁବ ସଂକ୍ରାନ୍ତି କେବଳ ଓଡ଼ିଶାର ଜନଜୀବନ ମଧ୍ୟରେ ସୀମିତ ନାହିଁ, ଦେଶବିଦେଶରେ ଏହା ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ । ପଞ୍ଜାବରେ ବୈଶାଖୀ, ଆସାମରେ ବିହୁ, ମିଥିଳାରେ ଜୁଇର ଶିତଲ, ବଙ୍ଗଳାରେ ନବବର୍ଷ, କର୍ଣ୍ଣାଟକରେ ବିଷୁ ପର୍ବ, କେରଳରେ ବିଷୁ ଏବଂ ତାମିଲନାଡୁରେ ପୁଥାଣ୍ଡୁ ନାମରେ ଏହି ଦିନଟିକୁ ପାଳନ କରାଯାଏ । ଓଡ଼ିଶାରେ ଏହି ଦିନଟିକୁ ଲୋକମାନେ ଧୁମ୍‌ଧାମ ସହକାରେ ପାଳନ କରିଥାନ୍ତି । ବ୍ରାହ୍ମଣ, ଗରିବ ଲୋକମାନଙ୍କୁ ଏହିଦିନ ଛତୁଆ, ପଣା, ଛତା ଓ ତାଳପତ୍ରରେ ପ୍ରସ୍ତୁତ ପଙ୍ଖା ଦାନ କରିବାର ପରମ୍ପରା ରହିଛି । ପ୍ରତ୍ୟେକ ହିନ୍ଦୁ ପରିବାରରେ ଏହି ଦିନ ତୁଳସୀ ଚଉରାରେ ମାଟିରେ ତିଆରି ଠେକି ବସାହୁଏ । ଠେକିରେ ସରୁ କଣା କରି ଦୁବ ଲଗାଯାଇଥାଏ । ଚୈତ୍ର ପର୍ବ ନାମରେ ପରିଚିତ ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ବା ପଟୁଆ ଯାତ୍ରା, ଦଣ୍ଡଯାତ୍ରା, ଉଡା ଯାତ୍ରା ଆଦି ମହାବିଷୁବ ସଂକ୍ରାନ୍ତି ପୂର୍ବରୁ ଶେଷ ହୋଇଥାଏ । ଏହି ଅବସରରେ ଓଡ଼ିଶାର ଛୋଟବଡ଼ ଦେବାଳୟଗୁଡ଼ିକ ଉତ୍ସବମୁଖର ହୋଇଉଠେ । ବିଭିନ୍ନ ସ୍ଥାନରେ ମେଳା, ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ । କଟକର କଟକ ଚଣ୍ଡୀ, ଯାଜପୁରର ବିରଜା, ଝଙ୍କଡ଼ର ଶାରଳା, କାକଟପୁରର ମଙ୍ଗଳା, ସମ୍ବଲପୁରର ସମଲେଶ୍ୱରୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପାଇଁ ବହୁ ଜନସମାଗମ ହୁଏ । ସେଠାରେ ଝାମୁଯାତ୍ରା ଅନୁଷ୍ଠିତ ହୁଏ । ଉତର ଓଡ଼ିଶାରେ ଏହାକୁ ଚଡ଼କ ପର୍ବ ଏବଂ ଦକ୍ଷିଣ ଓଡ଼ିଶାରେ ମେରୁଯାତ୍ରା ବୋଲି କୁହାଯାଏ । ନବବର୍ଷକୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ ସ୍ଥାନରେ ଦଣ୍ଡନାଚ ଅନୁଷ୍ଠିତ ହୋଇଥାଏ । ପୃଥିବୀର ବିଭିନ୍ନ ସଂସ୍କୃତି ଏବଂ ପରମ୍ପରାଗୁଡ଼ିକ ମଧ୍ୟରେ ଭାରତୀୟ ହିନ୍ଦୁଧର୍ମ, ସଂସ୍କୃତି ଓ ପରମ୍ପରାର ସ୍ଥାନ ସ୍ୱତନ୍ତ୍ର । ସନାତନ ଧର୍ମର ଅବଶିଷ୍ଟାଂଶ ହିଁ ପରବର୍ତୀ ସମୟରେ ବା ଆଧୁନିକ ସମାଜରେ ହିନ୍ଦୁଧର୍ମ ନାମ ବହନ କରିଛି । ଏହି ଧର୍ମ ଯାହା କହେ, ତାହା ହିଁ କାର୍ଯ୍ୟରେ ପରିଣତ କରେ । ଏହା ବିଜ୍ଞାନସମ୍ମତ ଭିତିଭୂମି ଉପରେ ଆଧାରିତ । ହିନ୍ଦୁ ଧର୍ମରେ ସମସ୍ତ କଳ୍ପନା ହିଁ ବାସ୍ତବ ରୂପ ବହନ କରିଛି । ତେଣୁ କୁହାଯାଇଛି ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ । କାଳ୍ପନିକ ମତର୍ତି, ଚିତ୍ରକଳା ଓ ଭାବନା ହିଁ ଈଶ୍ୱର ସତାର ଅନୁଭବ ପ୍ରଦାନ କରିଥାଏ । କଳ୍ପନା ବିନା ବାସ୍ତବତା ପ୍ରାପ୍ତି ଅସମ୍ଭବ । ମାଧ୍ୟମ ବିନା ଈଶ୍ୱର ସତାକୁ ଅନୁଭବ କରିବା ମଧ୍ୟ ଅସମ୍ଭବ । ଏହି ମୂର୍ତି ପୂଜା, ଗୁରୁପୂଜା ଇତ୍ୟାଦି ମାଧ୍ୟମ ଆମ ଧର୍ମ ପରମ୍ପରାରେ ରହିଛି ।

*ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ,*
*ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ : ୭୦୦୮୧୮୧୮୨୦*

ଆଧାତ୍ମିକ ଚେତନାରେ ମହାବିଷୁବ ସଂକ୍ରାନ୍ତିର ଏକ ସ୍ୱତନ୍ତ୍ରତା ରହିଥାଏ । ମକର ସଂକ୍ରାନ୍ତି, ଫେବୃଆରୀ ମାସର କୁମ୍ଭ ସଂକ୍ରାନ୍ତି, ମାର୍ଚ୍ଚ ମାସର ମୀନ ସଂକ୍ରାନ୍ତି, ଏପ୍ରିଲ ମାସରେ ମେଷ ସଂକ୍ରାନ୍ତୀ, ମଇ ମାସର ବୃଷ ସଂକ୍ରାନ୍ତି, ଜୁନ୍ ମାସର ରଜ ସଂକ୍ରାନ୍ତି, ଜୁଲାଇର କର୍କଟ ସଂକ୍ରାନ୍ତି, ଅଗଷ୍ଟର ସିଂହ ସଂକ୍ରାନ୍ତି, ସେପ୍ଟେମ୍ବରର କନ୍ୟା ସଂକ୍ରାନ୍ତି, ଅକ୍ଟୋବରର ତୁଳା ବା ଗର୍ଭଣା ସଂକ୍ରାନ୍ତି, ନଭେମ୍ବରର ବିଛା ସଂକ୍ରାନ୍ତି ପରି ବା ଧନୁ ମୁଆଁର ଅବକାଶ ରଖୁଥିବା ଧନୁ ସଂକ୍ରାନ୍ତି ବର୍ଷ ତମାମର ବିଭିନ୍ନ ସଂକ୍ରାନ୍ତି ଭିତରେ ଏହି ସଂକ୍ରାନ୍ତିର ସ୍ଥାନର ଏକ ସ୍ୱତନ୍ତ୍ରତା ଥାଏ । ଓଡ଼ିଆଙ୍କ ନିତିଦିନିଆ ଜୀବନରେ ମହାବିଷୁବର ପବିତ୍ର ପାର୍ବଣ ଆମର ସାମାଜିକ, ଆଧାତ୍ମିକ ଓ ପାରିବାରିକ ଅପୂର୍ବ ସମ୍ପର୍କର ଭିତିଭୂମିକୁ ସୁଦୃଢ଼ କରିଛି ନିଶ୍ଚୟ ।




# ମହାବୀରଙ୍କୁ ପୂଜା କରିବେ କିପରି

◆ ଯୁଧିଷ୍ଠିର ମହାରଣା

ଶିବଙ୍କର ଏକାଦଶ ଅବତାର ଅଞ୍ଜନା ସୂତ ହନୁମାନଙ୍କୁ ଜୀବିତ ରହି ସଂସାରର ମଙ୍ଗଳ ସାଧନ ପାଇଁ ବିଧି ନିର୍ଦ୍ଦେଶ ରହିଛି । ଏଣୁ ହନୁମନ୍ତଙ୍କୁ ସ୍ତୁତି, ପ୍ରାର୍ଥନା ଏବଂ ପୂଜାକଲେ ସେ ତତ୍କ୍ଷଣାତ ଫଳ ପ୍ରଦାନ କରିଥାଆନ୍ତି । ଗୃହରେ ଦେବାର୍ଚ୍ଚନା ସକାଶେ ପୂଜାକର୍ମ ସର୍ବଦା ଆନନ୍ଦ ମନରେ ପଂଚୋପଚାରରେ କରାଯିବା ଉଚିତ । ସେହି ପଂଚୋପଚାର ଯଥା ଧୂପ, ଦୀପ, ପୁଷ୍ପ, ଚନ୍ଦନ ଓ ନୈବେଦ୍ୟ । ଏହା ବ୍ୟତୀତ ସ୍ୱଗୃହରେ ପୂଜାରେ ନିର୍ମିତ ବସ୍ତୁ ପ୍ରତି ଧ୍ୟାନ ଦେବା ନିତାନ୍ତ ବାଞ୍ଛନୀୟ । ପୂଜା ସମୟରେ ପରିଷ୍କାର ବସ୍ତ୍ର ତଥା ପାଟ, ମଠା, ମକୁଟା ଅଥବା ଶୁଭ୍ର ହେବା ବିଧେୟ । ପୂଜାରେ ରଙ୍ଗୀନ ବସ୍ତ୍ର ପରିତେଜ୍ୟ ଓ ସ୍ୱଗୃହରେ ଦେବତାଙ୍କ ଆସ୍ଥାନ ପାଇଁ ବିଶେଷ ଭାବେ ଐଶ୍ୱାନ୍ୟ କୋଣ ହେବା ଆବଶ୍ୟକ । ଦେବତାମାନେ ପଶ୍ଚିମାଭିମୁଖୀ ହୋଇ କାଷ୍ଠ ଆସନରେ ଉପବିଷ୍ଟ ହେବେ । ଦେବାର୍ଚ୍ଚନ ପାଇଁ ପଥର, ମାଟି, ପିତଳ, କାଚ, କଦଳୀ କିମ୍ବା ପଣସ ପତ୍ରରେ



ନୈବେଦ୍ୟ ସମର୍ପଣ ପାଇଁ ଉପଯୁକ୍ତ । ସୁବାସିତ, ସଦ୍ୟ ପ୍ରସ୍ଫୁଟିତ ଫୁଲ, ଦେବ ପ୍ରତିମା କିମ୍ବା ଚିତ୍ରପଟରେ ଲାଗି ଯୋଗ୍ୟ । ବାସ୍ନାହୀନ, ଅଫୁଟା, ଭୂମିରୁ ସାଉଁଟି ଅଣାଯାଉଥିବା ପୁଷ୍ପ ମାଗିକରି ଅଣାଯାଇଥିବା ପୁଷ୍ପ ଦେବଯୋଗ୍ୟ ନୁହେଁ । ବିଷ୍ଣୁଙ୍କର ପ୍ରିୟ ତୁଳସୀ, ଶିବଙ୍କର ବେଲପତ୍ର । ଚମ୍ପା, ଶ୍ୱେତପଦ୍ମ, ଅଶୋକ, ଅଁଳା, କୁଶ, ଦୂବ, ଅପାମାର୍ଗ, ଧଳା, କଳା ଅପରାଜିତା ଅଗସ୍ତୀପତ୍ର ଦେବତାଙ୍କୁ ଅର୍ପଣ କଲେ ଆଶାତୀତ ଫଳ ମିଳିଥାଏ । ଧୂପ ଦେବତା ଓ ମନୁଷ୍ୟ ମଧ୍ୟରେ ଦେବତାଙ୍କୁ ଆକର୍ଷିତ କରି ସମ୍ପର୍କକୁ ଆହୁରି ନିବିଡ଼ କରିଥାଏ । ବାୟୁମଣ୍ଡଳକୁ ଶୁଦ୍ଧ ନିମି ଦେବତାଙ୍କ ଆଘ୍ରାଣ ପାଇଁ ବିବିଧ ସୁବାସିତ ଦ୍ରବ୍ୟରେ ପ୍ରସ୍ତୁତ ଧୂପ, କାଷ୍ଠାଗ୍ନିରେ ସମର୍ପଣ ହେବା ବିଧେୟ । ବାହାରୁ ପ୍ରସ୍ତୁତ ହୋଇ ମିଳୁଥିବା ଧୂପ ବର୍ଜନୀୟ । ସୁବାସିତ ଦ୍ରବ୍ୟର ଧୂପ ହେଲା, ଚନ୍ଦନ, ବେଣାଚେର, ଝୁଣା, ନାଗର ମୁଥା, ସୁଗନ୍ଧୀ, ଉସୀର, ଗୁଗୁଳ, କର୍ପୂର, ଲବଙ୍ଗ, କାଙ୍କୋଳ ଏ ସମସ୍ତଙ୍କୁ ଏକତ୍ର ଚୂର୍ଣ୍ଣ କରି ଆମ୍ବ, ଅପାମାର୍ଗ, ଅଶ୍ୱତଥ, ଉଦୁମ୍ବର କାଷ୍ଠାଗ୍ନିରେ ପ୍ରଦାନ କରିବେ । ସ୍ୱଗୃହରେ ଦେବାର୍ଚ୍ଚନ ସମୟରେ ଦୀପଟି ମାଟି, ତାମ୍ର, ରୌପ୍ୟ ଅଥବା ସୁବର୍ଣ୍ଣ ହେବା ଆବଶ୍ୟକ ବିଶୁଦ୍ଧ ଗୁଆ ଘିଅରେ କର୍ପୂର ମିଶା ଦୀପ ସର୍ବୋତମ । କ୍ଷେତ୍ର ବିଶେଷରେ ରାଶିତେଲରେ କର୍ପୂର ମିଶାଇ ବ୍ୟବହାର କରାଯାଇପାରେ । ଦୀପରେ ୫,୭ କିମ୍ବା ୧୧ ଗୋଟି ତ୍ରି ତନ୍ତୁ ବିଶିଷ୍ଟ ୪ ଆଙ୍ଗୁଳ ଲମ୍ବ ପରିମିତ କପାତୁଳା ବଳିତା ଦେବେ ଏବଂ ଖଣ୍ଡିଏ ତେଜଣା ରଖିବେ । ଦୀପଟିକୁ ଗୋଟିଏ ୧ ଫୁଟ ଉଚ୍ଚ ଗମ୍ଭାରୀ, ପଣସ ଅଥବା ଆମ୍ବ କାଠରେ ତିଆରି ରୁଖା ଉପରେ ନିଜର ଦକ୍ଷିଣ ହାତ ପାର୍ଶ୍ୱରେ କିଛି ଚାଉଳ ଉପରେ ରଖିବେ । ଦେବତାଙ୍କ ପାଇଁ ପୂଜାରେ ବାସ ଚଳନ, କୁଙ୍କୁମ ଅଥବା ଜାଫ୍ରାନ କେଶର ଉପଯୋଗରେ ସୁଫଳ ମିଳିଥାଏ । ନିଜ ଘରେ ପୂଜାର ବିଭିନ୍ନ ନୈବେଦ୍ୟ ଯଥା ପକ୍ୱ ମିଷ୍ଟା ଫଳ, କିସ୍‌ମିସ୍, ମିଶ୍ରି, ଗୋଦୁଗ୍ଧ ବା ଦଧିଘୃତ, ଗୁଡ଼ମିଶ୍ରିତ ନୈବେଦ୍ୟ ସମର୍ପଣ କରାଯିବା ଉଚିତ । ପୂଜା ସମୟରେ ନିଜ ଗଳାରେ ମାଳର ଆବଶ୍ୟକତା ଅଛି ଦେବାଦେବୀଙ୍କ ପାଇଁ ସ୍ଥଳ ବିଶେଷରେ ତୁଳସୀ ରୁଦ୍ରାକ୍ଷ, ପଦ୍ମ, ସ୍ଫଟିକ, ରକ୍ତ ଚନ୍ଦନମାଳିର ମାଳ ବ୍ୟବହାର ଉପଯୋଗୀ । ମାଳା ବିହୀନ ପୂଜା ନିଷ୍ଫଳ ହୋଇଥାଏ । ଭଗବାନ ଶ୍ରୀବିଷ୍ଣୁଙ୍କର ପ୍ରିୟ ଶ୍ୱେତ, ହଳଦୀ ବର୍ଣ୍ଣର ପୁଷ୍ପ, ତୁଳସୀ, ଶିବ ଏବଂ ହନୁମାନଙ୍କ ପ୍ରିୟ ବେଲପତ୍ର । ଶ୍ୱେତଅର୍କ, ଧୁତୁରା ଏବଂ କନିଅର, ଶ୍ରୀଗେଣଶ ଏବଂ ସୂର୍ଯ୍ୟଙ୍କ ନିମି ଲାଲ ରଙ୍ଗର ପୁଷ୍ପ, ଲକ୍ଷ୍ମୀଙ୍କର ପଦ୍ମ, ଦେବୀମାନଙ୍କ ପାଇଁ ମନ୍ଦାର, ଟଗର, ବିଶେଷଭାବେ ଉପଯୋଗୀ । ବିଷ୍ଣୁ ଓ ଶିବଙ୍କ ପାଇଁ ମହା ଭୃଙ୍ଗରାଜ ପତ୍ର ସମର୍ପଣ ଅତ୍ୟନ୍ତ ସୁଫଳ ଦାୟକ ହୋଇଥାଏ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ : ୯୪୩୭୧୬୩୫୨୮*

# ପଣା ସଂକ୍ରାନ୍ତି

◆ ରାମଚନ୍ଦ୍ର ବେହେରା

ବାର ମାସେ ତେର ପରବରେ ଭରା
ଆମ ଉତ୍କଳ ସଂସ୍କୃତି
ପହିଲି ବୈଶାଖ ଶୁଭ ଲଗନରେ
ଆସିଛି ପଣା ସଂକ୍ରାନ୍ତି ।
ଦୀପ୍ତି ତେଜ କରି ବିଷୁବ ରେଖାରେ
ରହିବେ ପ୍ରଭୁ ତପନ
ଆମ ଓଡ଼ିଶାର ନବବର୍ଷ ବୋଲି
ସର୍ବେ କରିବେ ପାଳନ ।
ସାରା ଶକ୍ତିପୀଠେ ଭକ୍ତଂକ ଗହଳି
ଦୃଶ୍ୟ ହେବ ଏହିଦିନେ
ଜଳନ୍ତା ନିଆଁରେ ପାଟୁଆ ଚାଲିବେ
ଭକ୍ତିଭାବ ରଖି ମନେ ।
ତପ୍ତ ନିଦାଘର ପ୍ରଚଣ୍ଡ ରୌଦ୍ରରେ
ଅଥୟ ହୋଇବେ ଜନେ
ଦେବାଦେବୀ ପାଶେ ଗୁହାରି କରିବେ
ପ୍ରଦୀପ ଜଳାଇ ଧ୍ୟାନେ ।
ସାରା ଦେବାଳୟେ ପଣାଲାଗି ବିଧି
ନୀତି ନିୟମରେ ହେବ
ଛତୁଆ ନଡିଆ କଦଳୀ ଓ ଛେନା
ପଣା ମାନ୍ୟତା ପାଇବ ।
ଋତୁରାଜ ଯିବ ଗ୍ରୀଷମ ଆସିବ
ତାପ ଯିବ ବଢ଼ି ବଢ଼ି
ବୃନ୍ଦାବତୀ ଶିରେ ଝୁଲିବ ଶ୍ରଦ୍ଧାରେ
ପୂଣ୍ୟ ବସନ୍ତରା ଘଡ଼ି ।
ନୂଆ ବର୍ଷ ସହ ନୂତନ ପଂଜିକା
ଚାଲୁହେବ ଏହି ଦିନେ
ସୁଖ ସୌଭାଗ୍ୟର କାମନା କରିବେ
କଳା ଠାକିରଂକୁ ଜନେ ।
ଏହିଦିନ ଠାରୁ ଜଳଛତ୍ର ଖୋଲି
ହେବ ପୂଣ୍ୟ ଜଳଦାନ
ବାଟୋଇ ପିଇବେ ସୁଶୀତଳ ଜଳ
ଦୂରହୁଏ ଥକାପଣ ।



# ବି.ଆର୍. ଆମ୍ବେଦକର

ଜୟନ୍ତୀ ଅବସରରେ

◆ ଡ଼ଃ.ଅରୁନ୍ଧତୀ ଦେବୀ

ବାବା ସାହେବ ନାମରେ ଜଣାଶୁଣା ଭୀମରାଓ୍ୱ ରାମଜୀ ଆମ୍ବେଦକରଙ୍କୁ ଭାରତୀୟ ସମ୍ବିଧାନର ଜନକ ତଥା ଆଧୁନିକ ବୌଦ୍ଧ ଆନ୍ଦୋଳନର ସେନାପତି କୁହାଯାଏ । ସେ ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ । ୧୮୯୧ ମସିହା ଆଜିର ଦିନରେ ମଧ୍ୟପ୍ରଦେଶର ଏକ ଗରିବ ଦଳିତ ପରିବାରରେ ଭୀମାରାଓ ରାମଜୀ ଆମ୍ବେଦକରଙ୍କ ଜନ୍ମ ହୋଇଥିଲା । ଭାରତୀୟ ସମ୍ବିଧାନର ପ୍ରଣେତା ସେ । ଏକାଧାରାରେ ଜଣେ ଅର୍ଥନୀତିଜ୍ଞ, ରାଜନୀତିଜ୍ଞ, ଜୁରିଷ୍ଟ ଓ ସୁଧାରକ ଥିଲେ । ତାଙ୍କ ପୂର୍ବପିଢ଼ୀ ଦୀର୍ଘ ବର୍ଷ ଧରି ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଅଧୀନରେ କାମ କରି ଆସୁଥିଲେ । ପିଲା ଦିନେ ସ୍କୁଲକୁ ପଢ଼ି ଯିବା ବେଳେ ଶ୍ରେଣୀରେ ବସିବାକୁ ତାଙ୍କୁ ଅନୁମତି ମିଳୁନଥିଲା । ଯଦି କେବେ ପାଣି ପିଇବାକୁ ଇଚ୍ଛା କରୁଥିଲେ, ତେବେ ସ୍କୁଲ ପିଅନ ତାଙ୍କୁ ଦୂରରେ ରହି ପାଣି ଟେକି ଦେଉଥିଲା । ବହୁକଷ୍ଟରେ ସେ ମାଟ୍ରିକ ପାସ କଲେ । ଏହାପରେ ଅର୍ଥନୀତି ଏବଂ ରାଜନୀତି ବିଜ୍ଞାନରେ ଡିଗ୍ରୀ ଶେଷ କରି କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିଶାସ୍ତ୍ରରେ ସ୍ନାତକୋତର ଓ ପି.ଏଚ୍.ଡି କଲେ । ପରିବାରର ଆର୍ଥିକ ସ୍ଥିତି ସୁଧାରିବାକୁ ସେ ୧୯୧୮ରେ ରାଜନୀତି ଅର୍ଥଶାସ୍ତ୍ରରେ ପ୍ରଫେସର ଭାବେ ନିଯୁକ୍ତି ହେଲେ । ସେଠାରେ ମଧ୍ୟ ତାଙ୍କୁ ଅଛୁଆଁ କହି ପାଣି ଛୁଇଁବାକୁ ବାରଣ କରାଯାଇଥିଲା । ବିଦ୍ୟାସାରି ବହୁ କୃତିତ୍ୱର ଅଧିକାରୀ ହୋଇ ଭାରତ ଫେରିବା ପରେ ସୁଦ୍ଧା ଜାତି ଜନିତ ଅପ୍ରୀତିକର ପରିସ୍ଥିତିରୁ ମୁକ୍ତି ପାଇପାରି ନଥିଲେ । ଏକ ସମୟରେ ଅଧସ୍ତନ କର୍ମଚାରୀମାନେ ତାଙ୍କ ହାତରେ ଫାଇଲ, କାଗଜପତ୍ର ଆଦି ନଦେଇ ଟେବଲ ଉପରେ ଫୋପାଡୁଥିଲେ । ଅପମାନିତ ହୋଇଚାଲିବାରୁ ଜାତିଆଣ ପ୍ରଥା ବିରୋଧରେ ସଂଗ୍ରାମ କରିବା ପାଇଁ ପ୍ରତିଜ୍ଞା କରି ଶେଷରେ ସଫଳ ହୋଇଥିଲେ । ପରବର୍ତୀ କାଳରେ ସେ ଏହି ଅସ୍ପୃଶ୍ୟତାକୁ ଦୂରେଇବା ପାଇଁ ନିଜର ସଂଗ୍ରାମ ଆରମ୍ଭ କଲେ । ବମ୍ବେ ଉଚ୍ଚ ନ୍ୟାୟାଳୟରେ ଓକିଲାତି ଅଭ୍ୟାସ ଜରି ରଖିଥିବା ବେଳେ ସେ ଏହି ଛୁଆଁ ଅଛୁଆଁ ଭେଦଭାବକୁ ଦୂରେଇବାକୁ ଚେଷ୍ଟା କଲେ । ୧୯୨୫ରେ ତାଙ୍କୁ ବମ୍ବେ ପ୍ରେସିଡେନ୍ସି କମିଟି ପକ୍ଷରୁ ଅଲ୍ ୟୁରୋପିଆନ ସାଇମନ କମିଶନ ସହ କାମ କରିବାକୁ ପ୍ରସ୍ତାବ ଦିଆଗଲା । କିନ୍ତୁ ସେତେବେଳେ ଏହି କମିଶନ ଭାରତରେ ବିରୋଧ ପ୍ରଦର୍ଶନ କରୁଥିଲା । ଭାରତୀୟମାନେ କମିଶନ ରିପୋର୍ଟ ମାନିବାକୁ ଅସ୍ୱୀକାର କରିବା ପରେ ଆମ୍ବେଦକର ଭାରତର ଭବିଷ୍ୟତ ପାଇଁ ନୂତନ ସମ୍ବିଧାନ ତିଆରି ସୁପାରିଶ କଲେ । ୧୯୨୭ ବେଳକୁ ସେ ଛୁଆଁ ଅଛୁଆଁ ଭେଦଭାବ ବିରୋଧରେ ସକ୍ରିୟ ଆନ୍ଦୋଳନ କଲେ । ଇଂରେଜଙ୍କୁ ମୁହଁତୋଡ଼ ଜବାବ ଦେବାପାଇଁ ସେତେବେଳେ କଂଗ୍ରେସ ନେତୃତ୍ୱାଧୀନ ସରକାର ଆମ୍ବେଦକରଙ୍କୁ ପ୍ରଥମ ଆଇନ ମନ୍ତ୍ରୀ ଭାବେ ଅବସ୍ଥାପିତ କଲେ । ଅଗଷ୍ଟ ୨୯, ୧୯୪୭ରେ ତାଙ୍କୁ କନ୍‌ଷ୍ଟିଟ୍ୟୁସନ ଡ୍ରାଫ୍ଟିଂ କମିଟିର ଚେୟାରମ୍ୟାନ ଭାବେ ନିଯୁକ୍ତ କରାଗଲା । ଏଥିସହ ଭାରତର ନୂଆ ସମ୍ବିଧାନ ପ୍ରଣୟନ ପାଇଁ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଗଲା । ୧୯୫୬ ଡିସେମ୍ବର ୬ରେ ତାଙ୍କର ମହାପ୍ରୟାଣ ହୋଇଥିଲା । ଏକଦା ସେ ଲେଖିଥିଲେ, ଭାରତ ହେଉଛି ଅସମାନତାର ଦେଶ । ଏବଂ ଅସ୍ପୃଶ୍ୟତା ନିବାରଣ ମୋର ଜନ୍ମଗତ ଅଧିକାର ।

◆ ଶେଖ ଫରିଦଉଦ୍ଦିନ

୧୮୯୧ ମସିହା ଆଜିର ଦିନରେ ମଧ୍ୟପ୍ରଦେଶର ଏକ ଗରିବ ଦଳିତ ପରିବାରରେ ଭୀମାରାଓ ରାମଜୀ ଆମ୍ବେଦକରଙ୍କ ଜନ୍ମ ହୋଇଥିଲା । ଭାରତୀୟ ସମ୍ବିଧାନର ପ୍ରଣେତା ସେ । ଏକାଧାରାରେ ଜଣେ ଅର୍ଥନୀତିଜ୍ଞ, ରାଜନୀତିଜ୍ଞ, ଜୁରିଷ୍ଟ ଓ ସୁଧାରକ ଥିଲେ । ତାଙ୍କ ପୂର୍ବପିଢ଼ୀ ଦୀର୍ଘ ବର୍ଷ ଧରି ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଅଧୀନରେ କାମ କରି ଆସୁଥିଲେ । ପିଲାଦିନେ ସ୍କୁଲକୁ ପଢ଼ି ଯିବା ବେଳେ ଶ୍ରେଣୀରେ ବସିବାକୁ ତାଙ୍କୁ ଅନୁମତି ମିଳୁନଥିଲା । ଯଦି କେବେ ପାଣି ପିଇବାକୁ ଇଚ୍ଛା କରୁଥିଲେ, ତେବେ ସ୍କୁଲ ପିଅନ ତାଙ୍କୁ ଦୂରରେ ରହି ପାଣି ଟେକି ଦେଉଥିଲା । ବହୁକଷ୍ଟରେ ସେ ମାଟ୍ରିକ ପାସ କଲେ । ଏହାପରେ ଅର୍ଥନୀତି ଏବଂ ରାଜନୀତି ବିଜ୍ଞାନରେ ଡିଗ୍ରୀ ଶେଷ କରି କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିଶାସ୍ତ୍ରରେ ସ୍ନାତକୋତର ଓ ପି.ଏଚ୍.ଡି କଲେ । ପରିବାରର ଆର୍ଥିକ ସ୍ଥିତି ସୁଧାରିବାକୁ ସେ ୧୯୧୮ରେ ରାଜନୀତି ଅର୍ଥଶାସ୍ତ୍ରରେ ପ୍ରଫେସର ଭାବେ ନିଯୁକ୍ତି ହେଲେ । ସେଠାରେ ମଧ୍ୟ ତାଙ୍କୁ ଅଛୁଆଁ କହି ପାଣି ଛୁଇଁବାକୁ ବାରଣ କରାଯାଇଥିଲା । ପରବର୍ତୀ କାଳରେ ସେ ଏହି ଅସ୍ପୃଶ୍ୟତାକୁ ଦୂରେଇବା ପାଇଁ ନିଜର ସଂଗ୍ରାମ ଆରମ୍ଭ କଲେ । ବମ୍ବେ ଉଚ୍ଚ ନ୍ୟାୟାଳୟରେ ଓକିଲାତି ଅଭ୍ୟାସ ଜରି ରଖିଥିବା ବେଳେ ସେ ଏହି ଛୁଆଁ ଅଛୁଆଁ ଭେଦଭାବକୁ ଦୂରେଇବାକୁ ଚେଷ୍ଟା କଲେ । ୧୯୨୫ରେ ତାଙ୍କୁ ବମ୍ବେ ପ୍ରେସିଡେନ୍ସି କମିଟି ପକ୍ଷରୁ ଅଲ୍ ୟୁରୋପିଆନ ସାଇମନ କମିଶନ ସହ କାମ କରିବାକୁ ପ୍ରସ୍ତାବ ଦିଆଗଲା । କିନ୍ତୁ ସେତେବେଳେ ଏହି କମିଶନ ଭାରତରେ ବିରୋଧ ପ୍ରଦର୍ଶନ କରୁଥିଲା । ଭାରତୀୟମାନେ କମିଶନ ରିପୋର୍ଟ ମାନିବାକୁ ଅସ୍ୱୀକାର କରିବା ପରେ ଆମ୍ବେଦକର ଭାରତର ଭବିଷ୍ୟତ ପାଇଁ ନୂତନ ସମ୍ବିଧାନ ତିଆରି ସୁପାରିଶ କଲେ । ୧୯୨୭ ବେଳକୁ ସେ ଛୁଆଁ ଅଛୁଆଁ ଭେଦଭାବ ବିରୋଧରେ ସକ୍ରିୟ ଆନ୍ଦୋଳନ କଲେ । ଇଂରେଜଙ୍କୁ ମୁହଁତୋଡ଼ ଜବାବ ଦେବାପାଇଁ ସେତେବେଳେ କଂଗ୍ରେସ ନେତୃତ୍ୱାଧୀନ ସରକାର ଆମ୍ବେଦକରଙ୍କୁ ପ୍ରଥମ ଆଇନ ମନ୍ତ୍ରୀ ଭାବେ ଅବସ୍ଥାପିତ କଲେ । ଅଗଷ୍ଟ ୨୯, ୧୯୪୭ରେ ତାଙ୍କୁ କନ୍‌ଷ୍ଟିଟ୍ୟୁସନ ଡ୍ରାଫ୍ଟିଂ କମିଟିର ଚେୟାରମ୍ୟାନ ଭାବେ ନିଯୁକ୍ତ କରାଗଲା । ଏଥିସହ ଭାରତର ନୂଆ ସମ୍ବିଧାନ ପ୍ରଣୟନ ପାଇଁ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଗଲା । ୧୯୫୬ ଡିସେମ୍ବର ୬ରେ ତାଙ୍କର ମହାପ୍ରୟାଣ ହୋଇଥିଲା ।


ଦୂରସଂଚାର ଭବନ, ଲିଙ୍କରୋଡ଼, କଟକ : ୯୪୩୭୦୦୪୮୮୮

# ଓଡ଼ିଆ ନବବର୍ଷ - ଏକ ସାଂସ୍କୃତିକ ଉତ୍ସବ



◆ ସୁବାଷ ନାୟକ

ଓଡ଼ିଆ ଜାତିର ଆତ୍ମା, ଆସ୍ଥା, ଅସ୍ମିତା ଓ ଐତିହ୍ୟର ଅନୁସରଣ ରେ ଯେଉଁ କିଛି ପର୍ବ ଆଜିଯାଏ ଆମ ସାମୂହିକ ଚେତନାକୁ ଉଜ୍ଜ୍ୱଳ କରି ରଖି ଆସିଛି ସେଥିମଧ୍ୟରୁ ଓଡ଼ିଆ ନବବର୍ଷ ଏକ ଅନନ୍ୟ ଓ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ପର୍ବ ଏହା ଓଡ଼ିଆ ଜାତିର ସାଂସ୍କୃତିକ ସ୍ୱରୂପ । ଏହା ଆଧାତ୍ମିକ ଚେତନା ଓ ଐତିହ୍ୟମୟ ପରମ୍ପରାର ଏକ ଉଜ୍ଜ୍ୱଳ ପ୍ରତିଛବି । ଏହାସହ ଓଡିଶାର ଜୀବନଚର୍ଯ୍ୟା ପରମ୍ପରା ଓ ସାଂସ୍କୃତିକ ଚେତନା ସହ ଗଭୀର ଭାବେ ଜଡ଼ିତ ଏକ ପବିତ୍ର ଅବସର । ତେଣୁ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନରେ ଏହାର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ପ୍ରତିମାସ ଗୋଟିଏ ରାଶି ରୁ ଅନ୍ୟ ରାଶିକୁ ଯାଆନ୍ତି ସେତେବେଳେ ସୂର୍ଯ୍ୟ ମୀନ ରାଶିରୁ ମେଷ ରାଶିରେ ପ୍ରବେଶ କରନ୍ତି ସେହି ଘଟଣାକୁ ମେଷ ସଂକ୍ରାନ୍ତି କୁହାଯାଏ । ଆଉ ଏହି ସମୟରେ ସୂର୍ଯ୍ୟ ଉତରାୟଣ ଗତି କରି ବିଷୁବ ରେଖାରେ ରହିଥାଏ ତେଣୁ ଏହି ଦିନକୁ ବିଷୁବ ସଂକ୍ରାନ୍ତି ମଧ୍ୟ କୁହାଯାଏ । ଏହା ସହ ପ୍ରକୃତିର ମଧ୍ୟ ଋତୁ ପରିବର୍ତନ ଘଟି ଗ୍ରୀଷ୍ମ ଋତୁର ଆଗମନ ହୁଏ ତେଣୁ ଏହି ସମୟରେ ଅଧିକ ମାତ୍ରାରେ ଗରମ ହେବା ଯୋଗୁ ଶରୀରରେ ଜଳର ପରିମାଣ ସ୍ଥିର ରଖିବା ପାଇଁ ଅଧିକ ରୁ ଅଧିକ ପଣା ପିଆ ଯାଉଥିବାରୁ ଏହାକୁ ପଣା ସଂକ୍ରାନ୍ତି ମଧ୍ୟ କୁହାଯାଏ ହିନ୍ଦୁ ଧର୍ମରେ ବର୍ଷର ଆରମ୍ଭ ବୈଶାଖ ମାସର ମହାବିଷୁବ ସଂକ୍ରାନ୍ତି ଠାରୁ ଆରମ୍ଭ ହେବା ସହ ଏହି ଦିନଠାରୁ ଓଡ଼ିଆ ପଞ୍ଜିକାର ନୂତର ବର୍ଷ ର ଆରମ୍ଭ ହୁଏ । ଏହା ପ୍ରାୟତ ପ୍ରତିବର୍ଷ ଅପ୍ରେଲ ୧୪ ତାରିଖରେ ହୁଏ ଏହି ଦିନ ଠାରୁ ଓଡିଆ ନୂତନ ବର୍ଷ ଓ ସୂର୍ଯ୍ୟଙ୍କ ନୂତର ଚକ୍ର ବା ସୌର ବର୍ଷ ଆରମ୍ଭ ହୁଏ । ଏହି ଦିନର ଏକ ବିଶେଷ ପ୍ରଥା ହେଉଛି ପାଣିଭରା କଳସ କୁ ଏକ ଶିଖା ସହିତ ବନ୍ଧା ଯାଇ ସେହି କଳସ ରେ ଏକ ଛୋଟ ଛିଦ୍ର କରାଯାଇଥାଏ ତାହା ବୁନ୍ଦା ବୁନ୍ଦା ହୋଇ ତୁଳସୀ ବୃକ୍ଷରେ ପଡିଥାଏ । ଏହା ପରବର୍ତୀ ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି କଳସୀ ରେ ଜଳ ରଖାଯାଏ । ଏହି ପ୍ରକ୍ରିୟା କରିବାର କାରଣ ଏହା ଗ୍ରୀଷ୍ମ ଋତୁର ତୀବ୍ର ତାପରେ ତୁଳସୀ ଓ ପ୍ରକୃତିକୁ ଶୀତଳତା ଦେବାର ପ୍ରତୀକ । ସେଥିସହ ଜଳର ମହତ୍ୱ, ପ୍ରାଣୀମାନଙ୍କ ପ୍ରତି କରୁଣା ଓ ପ୍ରକୃତି ସୁରକ୍ଷାର ସନ୍ଦେଶ ମଧ୍ୟ ଏହି ପ୍ରଥା ମାଧ୍ୟମରେ ପ୍ରକାଶ ପାଏ । ପଣା ସଂକ୍ରାନ୍ତି ଦିନ ପଣା ନାମକ ଏକ ଶୀତଳ ପାନୀୟ ପ୍ରସ୍ତୁତ କରାଯାଏ ସାଧାରଣତଃ ପାଚିଲା ବେଲ ଫଳରେ ପାଣି, ଗୁଡ଼ କିମ୍ବା ଚିନି, ଦହି, ଛତୁଆ , ଦୁଧ ଓ ନଡ଼ିଆ କୁରା ମିଶାଇ ପଣା ତିଆରି କରାଯାଏ । ରୁଚି ବଢ଼ାଇବା ପାଇଁ ଗୋଲ ମରିଚ ଓ ବିଭିନ୍ନ ପ୍ରକାରର ଫଳ ମଧ୍ୟ ମିଶେଇ ପ୍ରସ୍ତୁତ କରାଯାଏ । ଏହି ପାନୀୟ ଗ୍ରୀଷ୍ମ ଋତୁରେ ଶରୀରକୁ ଶୀତଳ ରଖେ ଏବଂ ପଣା ସଂକ୍ରାନ୍ତିର ପ୍ରମୁଖ ପ୍ରସାଦ ଭାବେ ବଂଟନ କରାଯାଏ । ଏହି ଦିନରେ ଓଡ଼ିଶାର ବିଭିନ୍ନ ଅଂଚଳରେ ଅନେକ ଲୋକ ପର୍ବ ପାଳନ ହୁଏ ସେଥି ମଧ୍ୟରୁ ଝାମୁ ଯାତ୍ରା ଏକ ପ୍ରସିଦ୍ଧପର୍ବ,ଯେଉଁଥିରେ ଭକ୍ତମାନେ ଜ୍ୱଳନ୍ତା ଅଙ୍ଗାର ଉପରେ ଚାଲି ନିଜ ଭକ୍ତି ଓ ମନସ୍କାମନା ପ୍ରକାଶ କରନ୍ତି । ଏହା ଦେବୀ ଉପାସନା ସହ ଜଡିତ ଏକ କଠିନ ଧାର୍ମିକ ଆଚାର । ତେବେ ପୁରୀ ଜିଲ୍ଲା ର କାକଟପୁରର ମା ମଙ୍ଗଳା, ଜଗତସିଂହପୁର ଜିଲ୍ଲା ର ଝଙ୍କଡ଼ର ମା ସାରଳା ଓ କଟକ ଜିଲ୍ଲାର ବିଭିନ୍ନ ଶକ୍ତିପୀଠ/ଦେବାଦେବୀ ମନ୍ଦିରରେ ମଧ୍ୟ ଏହା ପାଳନ କରାଯାଏ । ଏହା ସହିତ ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡ ନାଚ ମଧ୍ୟ ଚୈତ୍ର ମାସର ଏକ ପ୍ରାଚୀନ ଧାର୍ମିକ ଲୋକପର୍ବ । ଏଥିରେ ଦଣ୍ଡୁଆମାନେ ବ୍ରତ ପାଳନ କରି ଶିବ ଓ ଶକ୍ତିଙ୍କ ଉପାସନା କରନ୍ତି । ନୃତ୍ୟ, ଗୀତ, ନାଟକ ଓ ତପସ୍ୟା ଏହାର ମୁଖ୍ୟ ଅଂଶ । ଏହି ଦଣ୍ଡ ନାଟ ମହାବିଷୁବ ସଂକ୍ରାନ୍ତି ରେ ଶେଷ ହୁଏ ଏହି ଶେଷ ଦିନରେ ହେଉଥିବା ଯାତ୍ରା କୁ ମେରୁ ଯାତ୍ରା ବୋଲି କୁହାଯାଏ, ଯାହା ଏହି ବ୍ରତର ସମାପନୀ ଉତ୍ସବ ଅଟେ । ପୁଣି ଏହି ଓଡ଼ିଆ ନବବର୍ଷ ରେ ଓଡ଼ିଶାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମଧ୍ୟ ସ୍ୱତନ୍ତ୍ର ନୀତି ପାଳନ ହେଇଥାଏ । ଏହି ସମସ୍ତ ପର୍ବ ଓଡ଼ିଶାର ଧାର୍ମିକ ଭକ୍ତି, ସାଂସ୍କୃତିକ ଐତିହ୍ୟ ଓ ଲୋକପରମ୍ପରାର ପ୍ରତୀକ । ଏହା ଓଡ଼ିଆ ସଂସ୍କୃତିର ଗୌରବକୁ ପ୍ରକାଶ କରିଥାନ୍ତି ଏବଂ ସମାଜରେ ଏକତା ଓ ଆସ୍ଥାକୁ ଦୃଢ଼ କରନ୍ତି । ଏହି ନବବର୍ଷ ର ଉତ୍ସବ କେବଳ ଓଡ଼ିଶା ରେ ନୁହେଁ ଭାରତର ବିଭିନ୍ନ ରାଜ୍ୟରେ ବିଭିନ୍ନ ନାମ ଏବଂ ସେମାନଙ୍କ ନିଜସ୍ୱ ପରମ୍ପରା ରେ ପାଳନ କରାଯାଏ । ଯେମିତି କି ତାମିଲନାଡୁ ରେ ପୁଥାଣ୍ଡୁ, ଆନ୍ଧ୍ର ପ୍ରଦେଶରେ ଉଗାଦି, ମହାରାଷ୍ଟ୍ରରେ ଗୁଡ଼ି ପଡ଼ୱା , ପଞ୍ଜାବ ରେ ବୈଶାଖୀ , ଆସାମ ରେ ରଙ୍ଗୋଲୀ ବିହୁ, ପଶ୍ଚିମବଙ୍ଗ ରେ ପହିଲା ବୈଶାଖ, କେରଳ ରେ ବିଷୁ ,ଏହି ପରି ଭାବରେ ନବବର୍ଷ କୁ ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ କେବଳ ନାମ ଓ ପ୍ରଥା ଭିନ୍ନ ଥାଏ । ତେବେ ସାରା ଓଡ଼ିଶାରେ ଏହି ଦିନ ଉତ୍ସବମୟ ପରିବେଶ ଦେଖିବାକୁ ମିଳେ । ଗ୍ରାମ ଓ ସହର ଉଭୟ ଅଂଚଳରେ ଲୋକମାନେ ଘର ସଫା କରି ନୂତନ ବସ୍ତ୍ର ପରିଧାନ କରି ମନ୍ଦିରକୁ ଯାଇ ପୂଜା-ଅର୍ଚ୍ଚନା କରନ୍ତି । ବେଲ ପଣା ପାନ କରିବା ଏହି ପର୍ବର ଏକ ବିଶେଷ ଆକର୍ଷଣ, ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଶୀତଳତା ଦେଇଥାଏ । ଏହା ସହିତ ଦାନ-ଧର୍ମକରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇବା ଏହି ପର୍ବର ଅଂଶ ଅଟେ । ଏହି ଦିନଟି ହନୁମାନ ଜୟନ୍ତୀ ଭାବେ ମଧ୍ୟ ପାଳିତ ହେଉ ଥିବାରୁ ମନ୍ଦିରଗୁଡ଼ିକରେ ଭକ୍ତ ମାନଙ୍କ ଭିଡ଼ ଲକ୍ଷ୍ୟ କରାଯାଏ । ଓଡ଼ିଆ ନବବର୍ଷ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଏକ ଜୀବନ୍ତ ପ୍ରତୀକ ଭାବେ ପରିଚିତ । ଏହା ଲୋକ ମାନଙ୍କ ମଧ୍ୟରେ ସମ୍ପ୍ରୀତି, ଏକତା ଓ ଭାଇଚାରାକୁ ଦୃଢ଼ କରେ ଓ ସାମାଜିକ ମୂଲ୍ୟବୋଧକୁ ଅବିକଳ ରଖିଥାଏ । ଓଡ଼ିଆ ନବବର୍ଷ କେବଳ ଏକ ପର୍ବ ନୁହେଁ, ବରଂ ଏହା ଓଡ଼ିଆ ଜାତିର ଗୌରବ ଓ ପରିଚୟର ଅଭିବ୍ୟକ୍ତି । ଏହା ନୂତନ ଆଶା ଓ ଉତ୍ସାହ ସହିତ ଜୀବନକୁ ଆଗକୁ ନେବାର ପ୍ରେରଣା ଦେଇଥାଏ । ଏହି ପରମ୍ପରା ଆମକୁ ଶିଖାଏ ଯେ ଜୀବନର ଗତି କେବଳ କାଳଚକ୍ରର ଆଗକୁ ବଢ଼ିବା ନୁହେଁ, ଏହା ଆତ୍ମବିଶ୍ୱାସ, ଆତ୍ମ ସଂଶୋଧନ ଓ ଆତ୍ମନିର୍ମାଣର ଏକ ନିରନ୍ତର ପ୍ରକ୍ରିୟା । ଏହି ଅର୍ଥରେ ଓଡ଼ିଆ ନବବର୍ଷ ହେଉଛି ନବଚେତନାର ଏକ ସୃଜନମୟ ଆରମ୍ଭ । ନବବର୍ଷ ଓଡ଼ିଆ ଜାତିର ସାଂସ୍କୃତିକ ପରିଚୟର ପ୍ରତୀକ । ଏହି ପରମ୍ପରା ଆଚାର-ବିଚାର ଓ ଉତ୍ସବମାନ ଓଡ଼ିଆ ସଂସ୍କୃତିକୁ ସଜୀବ ରଖେ । ଏହା ଲୋକ ମାନଙ୍କ ମଧ୍ୟରେ ଏକତା, ଭାଇଚାରା ଓ ପରମ୍ପରା ପ୍ରତି ଗର୍ବବୋଧ ବଢ଼ାଏ । ତେଣୁ ନବବର୍ଷ କେବଳ କାଳଗଣନାର ଆରମ୍ଭ ନୁହେଁ, ଏହା ଓଡ଼ିଆ ସାଂସ୍କୃତିକ ଐତିହ୍ୟର ଉତ୍ସବ ଅଟେ ।





# ରକ୍ଷ ମାଂ ରକ୍ଷାକାରିଣୀ
# ସିଦ୍ଧିପ୍ରଦାୟିନୀ -ମା' ପର୍ଣ୍ଣିମାଣୀ



ମାଆ ପର୍ଣ୍ଣିମାଣୀଙ୍କ ମନ୍ଦିର ମୁଖଶାଳା

*ଦେବ୍ୟା ଯୟା ତତମିଦଂ ଜଗଦାତ୍ମଶକ୍ତ୍ୟା*
*ନିଶ୍ଶେଷଦେବଗଣ ଶକ୍ତି ସମୂହମୂର୍ତ୍ତ୍ୟା ।*
*ତାମମ୍ବିକାମଖିଳଦେବମହର୍ଷିପୂଜ୍ୟାଂ*
*ଭକ୍ତ୍ୟା ନତାଃ ସ୍ମ ବିଦ୍‌ଧାତୁ ଶୁଭାନି ସା ନଃ ।।*


*ଯେପରି ପବିତ୍ର ଗଂଗା ନଦୀ ଠାରୁ ବଡ଼ ତୀର୍ଥ ଜଳ ନାହିଁ, ସତ୍ୟ ଯୁଗ ପରି ଯୁଗ ନାହିଁ, ସେହିପରି ଦେବତାଙ୍କ ମଧ୍ୟରେ ଭଗବାନ ବିଷ୍ଣୁ ହିଁ ଶ୍ରେଷ୍ଠ, ବୃକ୍ଷ ମାନଙ୍କ ମଧ୍ୟରେ କଳ୍ପବୃକ୍ଷ, ତେଜ ମଧ୍ୟରେ ସୂର୍ଯ୍ୟଙ୍କ ପ୍ରଖର କିରଣ , ସେହିପରି ମାସ ମଧ୍ୟରେ ବୈଶାଖ ଯେ ଶ୍ରେଷ୍ଠ ତାହାର ଅତ୍ୟୁକ୍ତି ନାହିଁ । ଆଦ୍ୟ ମାସ ବୈଶାଖ ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଆମ ଓଡ଼ିଆ ସଂସ୍କୃତିରେ ମହାନ ପର୍ବ ଓ ପରଂପରା । ଓଡ଼ିଆ ନବବର୍ଷର ଶୁଭାରମ୍ଭ । ସୌର ମାସ ଗଣନାରେ ବୈଶାଖ ସଂକ୍ରାନ୍ତିରୁ ବର୍ଷ ଆରମ୍ଭ । ଏହି ବୈଶାଖ ମାସରେ ସମସ୍ତ ପର୍ବ ପର୍ବାଣୀର ଅୟମାରମ୍ଭ । ସୂର୍ଯ୍ୟଙ୍କ ପ୍ରଖର ତେଜଦୀପ୍ତ ରୌଦ୍ର ତାପର ଆଶ୍ୱସ୍ତି ପାଇଁ ଏହି ବୈଶାଖ ସଂକ୍ରାନ୍ତୀରୁ ମାଆ ବୃନ୍ଦାବତୀଙ୍କ ଠାରେ ସମସ୍ତ ପ୍ରକାର ପୂଜାର୍ଚ୍ଚନା ଆରମ୍ଭ କରାଯାଇ ମାଆ ବସୁନ୍ଧରାଙ୍କ ପାଖରେ ଗୋଟିଏ ମାସ ପାଇଁ ମାଟି ଠେକିରେ ଜଳ ପୂର୍ଣ୍ଣ କରାଯାଇ ପୂଜାର୍ଚ୍ଚନା ମାଧ୍ୟମରେ ମାଆଙ୍କ ଠାରେ ପଣା ସମର୍ପଣ କରାଯାଇଥାଏ । ଯେପରି ଏହି ଜଳଧାରା ଦ୍ୱାରା ମାଆ ସର୍ବଦା ସତେଜ ରହିବେ । ଏହି ମହାବିଷୁବ ସଂକ୍ରାନ୍ତିର ଅନନ୍ୟ ପରଂପରା ଭିତରେ ଏ ମହାନ୍ ସଂସ୍କୃତିର ରୂପରେଖ ଉଦ୍‌ଜ୍ଜିବୀତ କରେ ବେଲ, ଛତୁଆ ଏବଂ ବିଭିନ୍ନ ପ୍ରକାର ଫଳ ସହ ଦହି, ଦୁଗଧ, ମିଶ୍ରି, ଗୁଡ଼ ମିଶ୍ରଣରେ ଏକ ସ୍ୱାଦିଷ୍ଟ ପଣାର ସମ୍ଭାର । ଖରା ଦାଉରୁ ଏବଂ ଶୁଷ୍କତାରୁମୁକ୍ତି ପାଇଁ ପଣାର ଏହି ପରଂପରା ସତରେ ବିଶ୍ୱବନ୍ଦନୀୟ ହୋଇପାରିଛି । ବର୍ତ୍ତମାନ ଏହା ଓଡ଼ିଶାରେ ନୁହେଁ ସାରା ବିଶ୍ୱରେ ଓଡ଼ିଆ ମାନେ ଖୁବ୍ ସୁନ୍ଦର ଭାବେ ଏହାକୁ ପାଳନ କରି ଆମ ପରଂପରାକୁ ବିଶ୍ୱସ୍ତରରେ ମାନ୍ୟତା ଆଣିପାରିଛନ୍ତି । ଏହାଛଡ଼ା ଆଜି ମଧ୍ୟ ପରମବନ୍ଦନୀୟ ଭକ୍ତ ବତ୍ସଳ ଶ୍ରୀରାମଚନ୍ଦ୍ରଙ୍କ ପ୍ରିୟ ଭକ୍ତ ଭଗବାନ ହନୁମାନଙ୍କ ଜୟନ୍ତୀ । ରଘୁବୀରଙ୍କ ପରି ଭଗବାନ ହନୁମାନ ମଧ୍ୟ ମହାବୀର ନାମ ଧାରଣ କରି ଭକ୍ତମାନଙ୍କ ପାଖରେ ସଂକଟମୋଚନ ମାଧ୍ୟମରେ ସଂକଟ ଦୂର କରି ଏ ଧରା ଧାମରେ ଭକ୍ତମାନଙ୍କୁ ସୁରକ୍ଷା ଦେଉଛନ୍ତି । ଏହି ବୈଶାଖ ମାସରେ ବିଭିନ୍ନ ସ୍ଥାନରେ ମାଆ ମଙ୍ଗଳା ତଥା ଗ୍ରାମଦେବୀ ମାନଙ୍କମର ପୂଜାଉତ୍ସବ ଏବଂ ଉଡ଼ା ପର୍ବ ଚାଲିଥାଏ ବଡ଼ ଧୁମଧାମାରେ । ସେ ଯାହା ହେଉନା କାହିଁକି ଏହାରି ମଧ୍ୟରେ ବାଲେଶ୍ୱରର ଗୋପାଳଗାଁ ଠାରେ ପରମପୂଜନୀୟା ରକ୍ଷାକାରିଣୀ ଗ୍ରାମର ସମସ୍ତ ବିପଦ ଆପଦକୁ ଦୂରେଇ ଗ୍ରାମବାସୀଙ୍କୁ ସୁରକ୍ଷା ଦେଉଥିବା ଗ୍ରାମଦେବୀ ମାଆ ପର୍ଣ୍ଣିମାଣୀଙ୍କ ବାର୍ଷିକୋତ୍ସବ । ସେଇ ପରମ କାରୁଣିକ ମଙ୍ଗଳମୟୀ ମାଆ ପର୍ଣ୍ଣିମାଙ୍କ ବାର୍ଷିକ ଉତ୍ସବ ପାଳନର ସ୍ତୁତିଧାରା.....*

ଉପସ୍ଥାପନା :◆ ସ୍ମିତାରାଣୀ ଦାସ

ବାଲେଶ୍ୱର ସହରର ଗୋପାଳଗାଁର ପରମ ଆରାଧ୍ୟା ଗ୍ରାମଦେବୀ ମାଆ ପର୍ଣ୍ଣିମାଣୀ । ଗ୍ରାମର ୩ କୋଣରେ ୩ ଦେବୀ ବିରାଜିତା ହୋଇ ଗ୍ରାମକୁ କାହିଁ କେଉଁ କାଳରୁ ସୁରକ୍ଷା ଦେଇ ଆସୁଛନ୍ତି । ତାଙ୍କର ୩ ଭଉଣୀ । ବଡ଼ ଭଉଣୀ ମାଆ ବୁଢ଼ୀ ବଷ୍ଟିମାଣି, ମଝିଆ ଭଉଣୀ ମାଆ ପର୍ଣ୍ଣିମାଣି ଏବଂ ସାନ ଭଉଣୀ ମାଆ ସିଦ୍ଧକାଳୀ । ୩ ଭଉଣୀ ସଦା ସର୍ବଦା ବହୁ ବିପଦ ଆପଦରୁ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ସହ ଗ୍ରାମବାସୀ ମାନେ କିପରି ଆନନ୍ଦରେ ହସ, ଖୁସିରେ ରହିପାରିବେ ସଦାସର୍ବଦା ସେ ଜାଗ୍ରତ ପ୍ରହରୀ ସାଜିଛନ୍ତି । ଅବଶ୍ୟ କହିବାକୁ ଗଲେ ବହୁ ପୂର୍ବରୁ ଏହି ମାଆ ୩ ଜଣ ପିଲାଙ୍କ ପରି ଅନ୍ୟ ପିଲାଙ୍କ ସାଙ୍ଗେ ସାଙ୍ଗ ହୋଇ ଖେଳାଖେଳି କରୁଥିବା ନଜୀର ରହିଛି । କହିବାକୁ ଗଲେ ୩ ଜଣଙ୍କ ମଧ୍ୟରୁ ମାଆ ପର୍ଣ୍ଣିମାଣି ସବୁଠାରୁ ଗେହ୍ଲେଇ ଆଉ ଚୁଲବୁଲି । ଅନ୍ୟ ଦୁଇ ଦେବୀଙ୍କ ପାଖରେ ସମସ୍ତ ଦାୟିତ୍ୱବୋଧ ଥିବା ବେଳେ ଏହି ପର୍ଣ୍ଣିମାଣିଙ୍କ ପାଖେ ଭକ୍ତଙ୍କ ପାଇଁ ଦାୟିତ୍ୱ ଥିଲେ ମଧ୍ୟ ସେ କେବଳ ଆଜିକାଲିକା ଆଧୁନିକା ସାଜିବାକୁ ଭଲ ପାଆନ୍ତି । ତାଙ୍କ ପାଖରେ କିଛି ଥାଉ ବା ନ ଥାଉ ସେ ସବୁକୁ ଦୃଷ୍ଟି ନ ଦେଇ ସେ କେବଳ ଭକ୍ତମାନଙ୍କର ଭଲ ପାଇବାକୁ ଚାହିଁ ଥାଆନ୍ତି । ତାଙ୍କ ମନ୍ଦିରକୁ ଗଲେ ଛାଆଁ ଛାଆଁ ପୂଜା ସାରି କେହି କେବେ ପଳେଇ ଆସିବାଟା ତାଙ୍କୁ ଭଲ ଲାଗେ ନାହିଁ । ମନ୍ଦିରରେ ବସି ଗପସପ ହେଲେ ତାଙ୍କୁ ଭାରି ଆନନ୍ଦ ଲାଗେ । ସେ କେବଳ ଦେଖନ୍ତି ସଂପର୍କ । ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଭଲ ପାଇବାର ସଂପର୍କ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବାପା-ମାଆ, ପୁଅ-ଝିଅ ମଧ୍ୟରେପରିବାର ସଦସ୍ୟ, ସାହିପଡ଼ିଶା ଧନୀ ହେଉ ଅବା ଗରିବ ପରସ୍ପର ମଧ୍ୟରେଭଲ ପାଇବାର ସହାବସ୍ଥାନ ହିଁ ସଂପର୍କ । ଯାହା ସେ ଚାହାଁନ୍ତି ଦୁନିଆରେ ସମସ୍ତେ ସବୁ କିଛି ପାଉଥିଲେ ମଧ୍ୟ ସଂପର୍କ ଗଢ଼ିବାଟା ବହୁତ କଷ୍ଟ । ସଂପର୍କ ମଧ୍ୟରେ ବାନ୍ଧି ହୁଆ ତେବେ ଯାଇ ତ ଭଲ ପାଇବା ମିଳିବ । ଭଲ ପାଇବା ହିଁ ସ୍ୱର୍ଗୀୟ ସାରସ୍ୱତ । ମାଆ ପର୍ଣ୍ଣିମାଣି ସତରେ ଭକ୍ତ ବତ୍ସଳା । ପାପ ନାଶିନୀ, କଲ୍ୟାଣକାରିଣୀ ମାଆ ଭଗବତୀ । ଶିବଶକ୍ତିରୂପା, ବ୍ରହ୍ମା-ବିଷ୍ଣୁ- ଶିବାତ୍ମିକା, ସରସ୍ୱତୀ- ଲକ୍ଷ୍ମୀ- ଗୌରୀରୂପା, ପାପନାଶନୀ, ବ୍ରହ୍ମସ୍ୱରୂପର ଜ୍ଞାନ ପ୍ରଦାୟିନୀ ସର୍ବତତ୍ତ୍ୱାତ୍ମିକା ମହାତ୍ରିପୁର ସୁନ୍ଦରୀ । ସେଇ ମାଆ ପର୍ଣ୍ଣିମାଣି ଅଗ୍ନିସମାନ ବର୍ଣ୍ଣଯୁକ୍ତା । ଜ୍ଞାନ ଦ୍ୱାରା ଉଜ୍ଜ୍ୱଳମୟୀ, ଦୀପ୍ତିମୟୀ । ସେଇ ଶରଣାଗତ ଉଜ୍ଜ୍ୱଳ ସୂର୍ଯ୍ୟରଶ୍ମି ସମ କରୁଣାମୟୀଙ୍କ ପାଖରେ ଶତ ପ୍ରଣାମ କଲେ ମଧ୍ୟ ମନ କେବଳ ତାଙ୍କରି ଠାରେ ବଶୀଭୂତା । ଜନ୍ମଦାତ୍ରୀ ପରି ମାଆଙ୍କ ପାଖରେ ଯେତେ ଯାହା ଅଭିଯୋଗ କରିବା ସତ୍ତ୍ୱେ ତାଙ୍କ ପାଖେ ମନର ବିଷାଦଭରା ଦୁଃଖର କୋହକୁ ଆମ ପରି କେହି କେହି ଗାଳି ଦେଉ ଥିଲେ ମଧ୍ୟ ମାଆ କେବଳ ସନ୍ତାନର ଦୁଃଖକୁ ନିଜ ହୃଦୟରେ ସାଇତି ରଖି ମାଆ ପରି ଭକ୍ତର ଗାଳି ଅଚିରେ ସହି ନିଏ । ତାଙ୍କ ପାଖେ ଗାଳି କଲେ ସତେ ଯେପରି ଜଣାପଡ଼େ ହୁଏତ ଆମେ କେବଳ ମାଆ ପାଖରେ ହିଁ ଗାଳି କରୁଛୁ । ସୁବିଧା, ଅସୁବିଧା ଏବଂ କିଛି ଜିନିଷ ପାଇଁ ଅଳି କରି ଜିଦ୍ କରୁଛୁ । ଏହାହିଁ ତ ଭକ୍ତ ଭଗବାନଙ୍କ ମହା ମିଳନ । ମାଆ କହିଛି ମୋ ପାଖେ ଆତ୍ମସମର୍ପଣ କର ମୁଁ ତୁମର ଦୁଃଖକୁ



ପୋଛି ଦେଇ ସୁଖ ପ୍ରଦାନ କରିବି । ମହାଲକ୍ଷ୍ମୀପରି ଧନଧାନ୍ୟରେ ଭରି ଦେବା ସହ ମାଆ ସରସ୍ୱତୀଙ୍କ ପରି ଜ୍ଞାନ ଭଣ୍ଡାରରେ ଭରି ଦେବି ଆଉ ଶତ୍ରୁ ଆସିଲେ ମହାକାଳୀ ପରି ତାକୁ ସଂହାର କରିବି । ଏହାହିଁ ତ ମୋର ପରିଚୟ । ପାପନାଶ କାରିଣୀ, ଭୋଗମୋକ୍ଷ ପ୍ରଦାୟିନୀ, କଲ୍ୟାଣଦାତ୍ରୀ ଏବଂ ମଙ୍ଗଳରୂପିଣୀ ସେଇ ମାଆ ପର୍ଣ୍ଣିମାଙ୍କ ପାଖେ ସତ ସତ ପ୍ରଣାମ । ସେଇ ମାଆ ହିଁ ସତ୍, ଚିତ୍, ଆନନ୍ଦ । ତାଙ୍କରି ପାଖେ ପୂର୍ଣ୍ଣତାର ମନ୍ଦାକିନୀ । ଆଜି ତାଙ୍କର ବାର୍ଷିକ ଉତ୍ସବ । ୧୯୯୮ ମସିହରୁ ଖୁବ୍ ଜାକ୍ ଜମକ ସହକାରେ ମାଆଙ୍କ ପାଖେ ପୂଜାର୍ଚ୍ଚନା ହୋଇ ଆସୁଛି । "ଆଜିକାଲି" ସମ୍ବାଦପତ୍ରର ପରିଚାଳନା ସଂପାଦକ ତଥା ସମାଜସେବୀ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ମହାନ୍ତିନିଜ ଉଦ୍ୟମରେ ମନ୍ଦିର ନିର୍ମାଣ କରିଥିଲେ। ୧୯୯୮ ମନ୍ଦିର କାର୍ଯ୍ୟ ଶେଷ ହେବା ସହପ୍ରତିଷ୍ଠା କରାଯାଇ ଦୈନନ୍ଦିନ ପୂଜାର୍ଚ୍ଚନା ସହ ଅଦ୍ୟାବଧି ଦୀର୍ଘ ୨୭ ବର୍ଷ ଧରି ଗ୍ରାମବାସୀଙ୍କ ସହଯୋଗରେ ବହୁ ଆଡମ୍ବର ସହକାରେ ବାର୍ଷିକ ଉତ୍ସବ ପାଳିତ ହୋଇ ଆସୁଛି । ମନ୍ଦିରର ପୂଜକ ପଣ୍ଡିତ ବିଜୟ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ମନ୍ତ୍ରପାଠ ଦ୍ୱାରା ପୂଜାର ବିଧି ଏପରି ଦୂରଦିଗନ୍ତକୁ ବ୍ୟାପୀଯାଇଛି ଯେ, ବହୁ ଦୂରଦୂରାନ୍ତରୁ ଭକ୍ତ ମାନେ ଆସି ମାଆଙ୍କର ଆଶିଷ ନେଇ ଥାଆନ୍ତି । ଅବଶ୍ୟ ବହୁ ପୂର୍ବରୁ ମାଆଙ୍କ ପାଖେ କାଳିସୀ ଲାଗିବା ସହ ଖୁବ୍ ସୁନ୍ଦର ନିରାଡମ୍ବର ସହକାରେ ଭକ୍ତି ଆରାଧନା, ଶଙ୍ଖ ହୁଳହୁଳି ସହ ବାଦ୍ୟମହୁରୀ ମାଧ୍ୟମରେ ପୂଜା ହେଉଥିଲା । ସବୁ ଗ୍ରାମବାସୀ ଚାତକ ପରି ଚାହିଁଥାଆନ୍ତି କେବେ ଆସିବ ଏହି ପୂଣ୍ୟ ଦିନଟି । ସାରା ଗ୍ରାମବାସୀ ଉତ୍ସୁକତା ଏବଂ ଆନନ୍ଦର ସହ ତାଙ୍କ ପାଖେ ପୂଜାର୍ଚ୍ଚନା କରି ଆଶିଷ ଭିକ୍ଷା କରି ଥାଆନ୍ତି । ବର୍ତ୍ତମାନ ଆଧୁନିକତାରେ ଆମେ ସମସ୍ତେ ବଶବର୍ତ୍ତୀ ହେବା ବେଳେ ମାଆଙ୍କୁ ମଧ୍ୟ ଆମ ସହ ତାଳ ଦେବାକୁ ପଡୁଛି । ତାଙ୍କ ପାଖେ ଯିଏ ଯେଉଁ କାମନା କରିଛି ତାହାକୁ ସେ



ମାଆ ପର୍ଣ୍ଣିମାଣୀ

ଫଳବତୀ କରାଇଛନ୍ତି । ୩ ମାଆଙ୍କ ପରି ପର୍ଣ୍ଣିମାଣୀ ଶାନ୍ତ ନୁହଁନ୍ତି । ଜିଦ୍‌ଖୋର ସହ ଟିକେ ରାଗି । ଅବଶ୍ୟ ପିଲାମାନଙ୍କୁ ସେ କେବେ ରାଗନ୍ତି ନାହିଁ । ମୋ ମତରେ ମୁଁ ତାଙ୍କୁ କେବେ ବି ଠାକୁରାଣୀ ଭାବେ ଦେଖି ନାହିଁ । ନିଜ ଜନ୍ମକଲା ମାଆଙ୍କ ସହ ଯେଭଳି ବ୍ୟବହାର କରୁଥିଲି ଏଇ ମାଆ ପର୍ଣ୍ଣିମାଣିଙ୍କ ସହ ଠିକ୍ ସେହିଭଳି ବ୍ୟବହାର କରେ । ଦୁଃଖ, ସୁଖ, ରାଗ, ରୋଷ ଯେକୌଣସି କଥା ହେଉନା କାହିଁକି ତାଙ୍କ ପାଖେ ମୁଁ ବର୍ଣ୍ଣନା କରିଥାଏ ଏବଂ ସମସ୍ୟା ଥିଲେ ସମାଧାନ ପାଇଁ ରାସ୍ତା ଦେଖାଇବା ପାଇଁ କହିଥାଏ । ମୁଁ ତ ଛାର ମଣିଷ, ମାଆଙ୍କର କିମାଶ୍ଚର୍ଯ୍ୟରେ ମୁଁ କେବେ ବି ଜାଣିପାରି ନାହିଁ ହୁଏତ ମାଆ କେବେ ବାଟ ଦେଖାଇ ଥିବେ । କିନ୍ତୁ ମୋର ସମସ୍ତସୁବିଧା ଅସୁବିଧା, ଘଟଣା ଦୁର୍ଘଟଣା, ରୋଗବୈରାଗ ସବୁଥିରେ ସେ ମୋ ପାଖରେ ଛିଡ଼ା ହୋଇଛି ଅଦୃଶ୍ୟ ଭାବେ । ଯେଉଁଠି ଯେଉଁଆଡେ ମୁଁ କାମରେ ଯାଉଥିଲେ ମଧ୍ୟ ଏକାକୀ ଥିଲେ ସେ ମୋ ସହ ସାଥ ଦେଉଥିଲେ । ଏହାହିଁ ସତ୍ୟ । ପାଖରେ ପଇସା ନଥିଲେ ମଧ୍ୟ ଅଭାବରେ ରହିବାକୁ ସେ ଦେଇନାହିଁ । କାହିଁକି ନା ସେ ମାଆ । ହେ ମାଆ କାମଧେନୁ ସ୍ୱରୁପିଣୀ ଅଭୟମୁଦ୍ରା ଧାରଣ କରିଥିବା ତ୍ରିନେତ୍ରଯୁକ୍ତା, ରକ୍ତବସ୍ତ୍ର ପରିଧାନ କରିଥିବା ମନରଥ ପୂର୍ଣ୍ଣକାରିଣୀ ମାଆ ପର୍ଣ୍ଣିମାଣି ତତେ ଶତ କୋଟି ପ୍ରଣାମ ।

*ଶରଣାଗତ ଦୀନାର୍ତ୍ତ ପରିତ୍ରାଣ ପରାୟଣେ,*
*ସର୍ବସ୍ୟାର୍ତ୍ତିହରେ ଦେବୀ ନାରାୟଣୀ ନମୋଽସ୍ତୁତେ॥*

ଏହି ମନ୍ତ୍ରକୁ ଭକ୍ତି, ନିଷ୍ଠା, ଏକାଗ୍ରତା ସହ ଜପ କଲେ ସକଳ ବିପତିରୁ ରକ୍ଷା ମିଳି ଥାଏ । ମାଆ ପର୍ଣ୍ଣିମାଙ୍କ ମନ୍ଦିର ମୁଖଶାଳା ଛୋଟ ହେଲେ ମଧ୍ୟ କାରୁ କାର୍ଯ୍ୟରେ ପରିପୂର୍ଣ୍ଣ । ମୁଖଶାଳା ଭିତରକୁ ପଶିଗଲେ ମାଆଙ୍କ ଅନନ୍ୟ ରୂପକୁ ଦର୍ଶନ କରି ଭକ୍ତମାନେ ସତେ ଯେପରି ମୋହାଚ୍ଛନ୍ନ ବିମୋହିତ ହୋଇ ଯାଆନ୍ତି । ସତେ ଯେମିତି ଲାଗେ ମାଆ କଣ କିଛି କିମିଆ କରିଛି କି ? କାହିଁକି କେଜାଣି ମନ୍ଦିର ଭିତରକୁ ପଶି ଗଲେ ଆଉ ବାହାରକୁ ଆସିବାକୁ ଇଚ୍ଛା ହୁଏ ନାହିଁ । ବର୍ଷଯାକ ବାର ମାସରେ ତେର ପର୍ବ ପରି ସବୁ ବିଧି ବିଧାନ ପାଳନ କରାଯାଉ ଥିଲେ ମଧ୍ୟ ମହାବିଷୁବ ସଂକ୍ରାନ୍ତିକୁ ଖୁବ୍ ଜାକଜମକ ସହକାରେ ପାଳନ କରାଯାଏ । ବହୁ ଦୂର ଦୂରାନ୍ତରୁ ଲୋକ ମାନେ ମାନସିକ ଧରି ମାଆଙ୍କ ପାଖେ ଗୁହାରି କରିଥାଆନ୍ତି ନିଜର ମନସ୍କାମନା ପୂର୍ଣ୍ଣ ପାଇଁ । ରୋଗୀ ହୁଅନ୍ତୁ କି ଭୋଗୀ ହୁଅନ୍ତୁ ଯେକେହି ହୁଅନ୍ତୁ ନା କାହିଁକି ମାଆଙ୍କ ପାଖେ ପହଂଚି ଗଲେ ସବୁ ଯେପରି ଏକାକାର ହୋଇଯାଆନ୍ତି ଭକ୍ତ ଆଉ ଭଗବାନଙ୍କ ପାଖରେ । ମାଆ- ଛୁଆର ସଂପର୍କ ଯେମିତି ମାଆ ପର୍ଣ୍ଣିମା ଏବଂ ଭକ୍ତର ନିବିଡ଼ତା ସେମିତି । ମାଆ କେବ ବି ଚାହେଁ ନି ମୋ ଭକ୍ତ ମୋତେ ଫୁଲ-ଫଳ, ଦୁଧ-ଦହି, ଗୁଡ଼-ମହୁରେ ଭସାଉ କିମ୍ବା ଝୁଣା-ଧୂପ - ଦୀପ ଦେଇ ମୋତେ ପ୍ରାର୍ଥନା କରୁ । ସେ ଚାହେଁ ମୋ ଛୁଆ ମୋ ପାଖକୁ ଆସୁ ସରଳ ଓ ନିରହଂକାରୀ ମନ ନେଇ ଏବଂ ମୋତେ ମାଆ ବୋଲି ଡାକୁ । ଗର୍ବ ଓ ଅହଂକାର ହିଁ ମାଆଙ୍କର ପରମ ଶତ୍ରୁ । ଅନ୍ୟାୟକୁ ସେ କଦାପି ସହ୍ୟ କରିପାରେ ନାହିଁ । କେଉଁପରି ଭାବେ ସେ ଅନ୍ୟାୟକୁ ଦଣ୍ଡ ଦିଏ ତାହା କେବଳ ତାକୁ ହିଁ ଜଣା । ଅମୃତତୁଲ୍ୟ ବାକ୍ୟ ଏବଂ ଆପଣାର ମନୋଭାବ ନେଇ ଯିଏ କେହି ତା' ପାଖକୁ ଧାଇଁ ଆସିଛି ସେ ତାକୁ କୋଳେଇ ନେଇଛି । ନିଜ ପଣତକାନିରେ ଭକ୍ତର ଲୁହକୁ ପୋଛି ଦେଇଛି । ଡେରିରେ ହେଉ ମଧ୍ୟ ସେ କାହାରିକୁ ଖାଲି ହାତରେ ଫେରାଇ ଦେଇ ନାହିଁ । ଏହାହିଁ ତ ମାତୃତ୍ୱର ନମୁନା । ସେ ଦେବୀ ହୁଅନ୍ତୁ କି ଜନ୍ମଦାତ୍ରୀ । ମାଆ ହିଁ କେବଳ ମାଆ । ଯେଉଁ ନାମରେ କେବଳ ମଧୁରତା ଭରି ରହିଛି । ବାତ୍ସଲ୍ୟ ପ୍ରେମର ଜୁଆରରେ ସବୁ ପିଲା ବା ଭକ୍ତ ତାହାକୁ ପାନ କରନ୍ତୁ ଏହାହିଁ ମାଆଙ୍କର ଇଚ୍ଛା । ତେଣୁ ସମସ୍ତ ବାଧାବିଘ୍ନକୁ ମାଆ ଦୂର କରି ସବୁ ଭକ୍ତଙ୍କୁ ତାଙ୍କ ପଣତକାନିରେ ଘୋଡାଇ ରଖନ୍ତୁ । ସମସ୍ତ ବିପଦ ଆପଦ ଏବଂ ଶତ୍ରୁମାନଙ୍କ ଠାରୁ ରକ୍ଷା କରନ୍ତୁ । ହେ ମାଆ ପର୍ଣ୍ଣିମା ! ତୁତ ଦୁଃଖହାରିଣୀ । ଦୁଃଖ ନେଇ ସୁଖ ଦେ, ମାଆ ତୋ ପଣତ ବଢ଼େଇ ଦେ । ଏହି ମହାବିଷୁବ ସଂକ୍ରାନ୍ତିରେ ତୋ ପାଖେ ମୋର ଏତିକି ପ୍ରାର୍ଥନା ।

*ସର୍ବାବାଧାପ୍ରଶମନଂ*
*ତ୍ରୈଲୋକ୍ୟସ୍ୟାଖିଳେଶ୍ୱରି*
*ଏବମେବ ତ୍ୱୟା*
*କାର୍ଯ୍ୟାମସ୍ମଦ୍‌ବୈରିବିନାଶନମ୍*

*ଯୋଗାଯୋଗ : ୯୮୫୩୯୭୩୭୫୧*





# ଶେଷରେ ଶୁଭିଲା ଅଧା ଜନସଂଖ୍ୟାର ସ୍ୱର

**ଆର.ବିମଳା,ଆଇଏଏସ**

'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଏବଂ ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ନ୍ୟାୟୋଚିତ ସ୍ଥାନ' ଯେତେବେଳେ ମହିଳାମାନେ ସଶକ୍ତ ହୁଅନ୍ତି, ସେତେବେଳେ ଭାରତ ମଜଭୁତ ହୁଏ । ଘରର ଗରିମାଠାରୁ ଆରମ୍ଭ କରି ସଂସଦରେ ସମାନ ସ୍ୱର ପର୍ଯ୍ୟନ୍ତ, ଏହା ଏକ ନୂତନ ତଥା ଆତ୍ମବିଶ୍ୱାସୀ ଭାରତର ପରିକଳ୍ପନା' । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ମହିଳାମାନେ ସଦା ସର୍ବଦା ଅସାଧାରଣ କ୍ଷମତା ଓ ସାହସର ପରିଚୟ ଦେଇଆସିଛନ୍ତି । ବୈଦିକ ଯୁଗରେ ଗାର୍ଗୀ ଓ ମୈତ୍ରେୟୀଙ୍କ ଭଳି ବିଦୁଷୀମାନେ ଗଭୀର ଦାର୍ଶନିକ ଚର୍ଚ୍ଚାରେ ଅଗ୍ରଣୀ ଭୂମିକା ନିଭାଇ ବଡ଼ ବଡ଼ ଦାର୍ଶନିକମାନଙ୍କୁ ନିରୁତର କରିଥିଲେ । ପୁଣ୍ୟଶ୍ଳୋକ ଅହିଲ୍ୟାଦେବୀ ହୋଲକର ଯେଉଁ ନ୍ୟାୟପୂର୍ଣ୍ଣ ଭାବରେ ନିଜ ରାଜ୍ୟର ଶାସନ ଚଳାଇଥିଲେ, ତାହାର ସମକକ୍ଷ ସେହି ସମୟର କୌଣସି ଶାସକ ହୋଇପାରିନଥିଲେ । ରାଣୀ ଲକ୍ଷ୍ମୀବାଈଙ୍କ ଅଦମ୍ୟ ସାହସ ଏବଂ ଦେଶପ୍ରେମ ଆଜିବି ଏକ ପ୍ରେରଣାଦାୟକ ପ୍ରତୀକ ଭାବେ ଗଣାଯାଏ । ତଥାପି, ଏହି ଐତିହାସିକ ଏବଂ ପ୍ରେରଣାଦାୟକ ଉତରାଧିକାର ସତ୍ତ୍ୱେ, ସ୍ୱାଧୀନ ଭାରତର ଗଣତନ୍ତ୍ର ମହିଳାମାନଙ୍କୁ ସମାନ ଅଂଶୀଦାରୀତ୍ୱ ଦେବାରେ ଦୀର୍ଘ ସମୟ ଧରି ପଛକୁ ପଡ଼ିଥିଲା । ସମାନତାର ମୂଳ ଆଦର୍ଶ ଥିଲେ ମଧ୍ୟ, ବ୍ୟବସ୍ଥାପିକାରେ ମହିଳାମାନଙ୍କ ପ୍ରତିନିଧିତ୍ୱ ସୀମିତ ରହିଗଲା । ପ୍ରଥମ ଲୋକସଭାରେ ମହିଳା ସଦସ୍ୟଙ୍କ ସଂଖ୍ୟା ମାତ୍ର ୪.୪ ପ୍ରତିଶତ ଥିଲା । ସାତ ଦଶନ୍ଧି ପରେ, ୧୭ତମ ଲୋକସଭାରେ ମଧ୍ୟ ଏହି ପରିସଂଖ୍ୟାନ ବୃଦ୍ଧି ପାଇ କେବଳ ୧୪.୪ ପ୍ରତିଶତରେ ପହଂଚି ପାରିଛି । ବ୍ୟକ୍ତିଗତ ପ୍ରତିଭା ତ ନିଜର ସ୍ଥାନ ସୃଷ୍ଟି କରିପାରିଥିଲା, କିନ୍ତୁ ବ୍ୟବସ୍ଥାଗତ ପରିବର୍ତନ ଏପର୍ଯ୍ୟନ୍ତ ଆସିନଥିଲା । ପ୍ରକୃତରେ, ମହିଳାମାନେ ନିଜ ଗଣତନ୍ତ୍ରରେ ଏକ ପ୍ରକାର 'ଅତିଥି' ହୋଇ ରହିଯାଇଥିଲେ । ଆମ ସମ୍ବିଧାନ ପ୍ରଥମ ଦିନରୁ ହିଁ ଏହା ସ୍ୱୀକାର କରିଥିଲା ଯେ ଯେତେବେଳେ ଶତାବ୍ଦୀ ଶତାବ୍ଦୀ ଧରି ଗଠନମୂଳକ ବିସଙ୍ଗତି ମୂଳ ଜମେଇ ରହିଥାଏ, ସେତେବେଳେ କେବଳ ଆନୁଷ୍ଠାନିକ ସମାନତା ଯଥେଷ୍ଟ ନୁହେଁ । 'ସଂରକ୍ଷଣାତ୍ମକ ଭେଦଭାବ' ସିଦ୍ଧାନ୍ତ ଅନୁଯାୟୀ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ପରବର୍ତୀ ସମୟରେ ପଂଚାୟତରାଜ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷିତ କରାଯାଇଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପଂଚାୟତରେ ସଂରକ୍ଷଣ ବ୍ୟବସ୍ଥା ସଫଳ ହୋଇଛି: ୨୪ ମାର୍ଚ୍ଚ ୨୦୨୬ ସୁଦ୍ଧା, ନିର୍ବାଚିତ ପଂଚାୟତ ପ୍ରତିନିଧିମାନଙ୍କ ମଧ୍ୟରୁ ପ୍ରାୟ ୪୯.୭୫ ପ୍ରତିଶତ ମହିଳା ଅଛନ୍ତି । ଯେଉଁ ସ୍ଥାନରେ ମହିଳାମାନେ ଶାସନ କରନ୍ତି, ସେଠାରେ ଜଳ ଯୋଗାଣ ସ୍ୱାଭାବିକ ହୋଇଥାଏ, ସ୍ୱଚ୍ଛତା ସ୍ଥିତି ଉନ୍ନତ ରହେ ଏବଂ ଝିଅମାନେ ସ୍କୁଲ ଯିବା ଜାରି ରଖନ୍ତି । ଏହା ସତ୍ତ୍ୱେ, ସଂସଦରେ ମଧ୍ୟ ସମାନ ସିଦ୍ଧାନ୍ତ ଲାଗୁ କରିବା ଉଦ୍ଦେଶ୍ୟରେ ଯେଉଁ ବିଧେୟକ ଉପସ୍ଥାପନ କରାଯାଇଥିଲା, ତାହା ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଦଶନ୍ଧି ଦଶନ୍ଧି ଧରି ବାରମ୍ବାର ନିଷ୍ଫଳ ହେଉଥିଲା । ସେହି ମୁହୂର୍ତ ଯାହା ସବୁକିଛି ବଦଳାଇ ଦେଲା - ସେହି ଅଧୁରା କଡ଼ି ୧୯ ସେପ୍ଟେମ୍ବର ୨୦୨୩ରେ ସମ୍ପୂର୍ଣ୍ଣ ହେଲା । ଭାରତର ନୂତନ ସଂସଦ ଭବନରେ ଆୟୋଜିତ କାର୍ଯ୍ୟକାଳର ପ୍ରଥମ ଅଧିବେଶନରେ, 'ନାରୀ ଶକ୍ତି ବନ୍ଦନ ଅଧିନିୟମ' କୁ ସଂସଦର ଉଭୟ ସଦନରେ, ପ୍ରତ୍ୟେକ ରାଜନୈତିକ ଦଳର ସର୍ବସମ୍ମତ ସମର୍ଥନରେ ଗୃହୀତ କରାଗଲା । ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଧେୟକ ଉପସ୍ଥାପନ କରି ଉଭୟ ସଦନକୁ କହିଥିଲେ: 'ଏହି ଆଇନ କେବଳ ଏକ ଆଇନ ନୁହେଁ, ବରଂ ଏହା ପ୍ରତ୍ୟେକ ଭାରତୀୟ ମହିଳାଙ୍କ ଶକ୍ତି, ତ୍ୟାଗ ଏବଂ ସାମର୍ଥ୍ୟ ପ୍ରତି ଏକ ଶ୍ରଦ୍ଧାଞ୍ଜଳି' । ଏହି ଅଧିନିୟମ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ-ତୃତୀୟାଂଶ ଆସନ ସଂରକ୍ଷିତ କରେ, ଯେଉଁଥିରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ମହିଳାମାନଙ୍କ ପାଇଁ ଉପ-କୋଟା ମଧ୍ୟ ସାମିଲ ଅଛି । ନୂତନ ସଂସଦ ଭବନର ଏହା ପ୍ରଥମ ଅଧିନିୟମ ହେବା ନିଜେ ଏକ ଘୋଷଣା ଥିଲା: ଅମୃତ କାଳର ଗଣତନ୍ତ୍ରର ସଂରଚନା ସମଗ୍ର ଭାରତ ପାଇଁ ଏବଂ ସମସ୍ତଙ୍କ ଭାଗିଦାରୀ ସହିତ ନିର୍ମିତ ହେବ । ଏହି ଅଧିନିୟମରେ ପରିବର୍ତନ ଆଣିବାର ଅପାର କ୍ଷମତା ରହିଛି, କାରଣ ଏହା ଲାଗୁ ହେବା ଫଳରେ ସଂସଦରେ ମହିଳା ସଦସ୍ୟଙ୍କ ସଂଖ୍ୟାରେ ବହୁଳ ବୃଦ୍ଧି ହେବ । ମହିଳା ବିଧାୟକମାନେ ନିରନ୍ତର ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ଏବଂ ସୁରକ୍ଷାକୁ ପ୍ରାଥମିକତା ଦିଅନ୍ତି- ଏଗୁଡ଼ିକ ସେହି କ୍ଷେତ୍ର, ଯେଉଁଠାରେ ଭାରତରେ ଲିଙ୍ଗଗତ ଅସମାନତା ସବୁଠାରୁ ଅଧିକ । ଏକ ଏପରି ସଂସଦ, ଯେଉଁଥିରେ ଏକ-ତୃତୀୟାଂଶ ସଦସ୍ୟ ମହିଳା ହେବେ, ତାହା ଭିନ୍ନ ପ୍ରକାରର ପ୍ରଶ୍ନ ପଚାରିବ ଏବଂ ଭିନ୍ନ ପ୍ରକାରର ବିଚାର ଶୁଣିବ । ଏହାଦ୍ୱାରା ଭାରତୀୟ ଗଣତନ୍ତ୍ରର ଗୁଣବତାରେ ସୁଧାର ଆସିବ, କେବଳ ବାହ୍ୟ ଛବିରେ ନୁହେଁ । ଗରିମା ଠାରୁ ଗଣତନ୍ତ୍ର ପର୍ଯ୍ୟନ୍ତ ଯାତ୍ରାରେ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁବେଳେ ବୁଝିଛନ୍ତି ଯେ ତୃଣମୂଳ ସ୍ତରରେ ସଶକ୍ତୀକରଣ ବିନା ରାଜନୈତିକ ସଶକ୍ତୀକରଣର ମୂଲ ?ୟ ନାହି । ତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଯାତ୍ରା ଅତ୍ୟନ୍ତ ମୌଳିକ ଗରିମାଠାରୁ ଆରମ୍ଭ କରି ସର୍ବୋଚ୍ଚ ଗଣତାନ୍ତ୍ରିକ ଭାଗିଦାରୀ ପର୍ଯ୍ୟନ୍ତ ଏକ ସୁଚିନ୍ତିତ ପଥରେ ଆଗକୁ ବଢ଼େ । ଏହାର ଆରମ୍ଭ ଏକ ଶୌଚାଳୟରୁ ହୋଇଥିଲା । ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ନିର୍ମିତ ୧୦ କୋଟି ଘରୋଇ ଶୌଚାଳୟ ସେହି ମହିଳାମାନଙ୍କୁ ସୁରକ୍ଷା ଏବଂ ଆତ୍ମସମ୍ମାନ ଫେରାଇ ଦେଇଥିଲା, ଯେଉଁମାନଙ୍କୁ ଦୀର୍ଘ ସମୟ ଧରି ଏହି ଉଭୟରୁ ବଂଚିତ ରଖାଯାଇଥିଲା । ଜଳ ଜୀବନ ମିଶନ ୧୫ କୋଟିରୁ ଅଧିକ ଗ୍ରାମୀଣ ଘରକୁ ନଳ ଯୋଗେ ପାଣି ପହଂଚାଇଲା । ମହିଳାମାନଙ୍କୁ ମାଇଲ ମାଇଲ ଚାଲି ପାଣି ବୋହି ଆଣିବାରୁ ମୁକ୍ତି ମିଳିଲା, ଯାହାଦ୍ୱାରା ସେମାନଙ୍କ ସକାଳର ମୂଲ୍ୟବାନ ସମୟ ନଷ୍ଟ ହେଉଥିଲା । 'ପିଏମ ଉଜ୍ଜ୍ୱଳା ଯୋଜନା'ର ୧୦.୫୬ କୋଟି ଏଲପିଜି ସଂଯୋଗ ମହିଳାମାନଙ୍କୁ ଧୂଆଁପୂର୍ଣ୍ଣ ରୋଷେଇ ଘରୁ ମୁକ୍ତି ଦେଲା । ପିଏମ ଆବାସ ଯୋଜନା ଅନ୍ତର୍ଗତ ମହିଳାମାନଙ୍କ ନାମରେ ଘର ନିର୍ମାଣ କରାଗଲା । ୫୫ ପ୍ରତିଶତରୁ ଅଧିକ ମହିଳାଙ୍କ ମାଲିକାନାରେ ଥିବା ଜନ ଧନ ଆକାଉଂଟ ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କଲା । 'ମୁଦ୍ରା' ଯୋଜନା ଋଣ, ସ୍ୱୟଂ ସହାୟକ ଗୋଷ୍ଠୀ, ଲକ୍ଷପତି ଦିଦି, ସଖୀ, ୱାନ ଷ୍ଟପ୍ ସେଂଟର ଏବଂ ତିନି ତଲାକର ଉଚ୍ଛେଦ: ପ୍ରତ୍ୟେକ ଯୋଜନା ସେହି ଶିଡ଼ିର ପରବର୍ତୀ ପାହାଚ ଥିଲା, ଯାହା ସେମାନଙ୍କୁ କେବଳ ଗୁଜରାଣ ମେଂଟାଇବା ସ୍ଥିତିରୁ ଗରିମା ଆଡ଼କୁ, ଗରିମାଠାରୁ ସାମର୍ଥ୍ୟ ଆଡ଼କୁ ଏବଂ ସାମର୍ଥ୍ୟରୁ ନେତୃତ୍ୱ ଆଡ଼କୁ ନିରନ୍ତର ବଢ଼ାଇ ଚାଲିଲା । ଆଧୁନିକ ଭାରତ ପାଇଁ ଏକ ଦୃଷ୍ଟିକୋଣ – ଭାରତକୁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ତୁରନ୍ତ ଲାଗୁ କରିବାର ଆବଶ୍ୟକତା ରହିଛି । ଏହା ଆମ ସମୟର ସବୁଠାରୁ ବଡ଼ ପରିବର୍ତନକାରୀ ସମ୍ଭାବ୍ୟ ସଂସ୍କାର ମଧ୍ୟରୁ ଅନ୍ୟତମ । ମହିଳାମାନଙ୍କ ବୈଧାନିକ ପ୍ରତିନିଧିତ୍ୱ ବୃଦ୍ଧି କରି, ଏହା ପ୍ରତ୍ୟେକ ସ୍ତରରେ ନୀତି ନିର୍ଦ୍ଧାରଣରେ ସେମାନଙ୍କ ଅଂଶଗ୍ରହଣକୁ ବଢ଼ାଇବ - ତାହା ମାତୃ ସ୍ୱାସ୍ଥ୍ୟ ପାଇଁ ଉଦ୍ଦିଷ୍ଟ ପାଣ୍ଠି ହେଉ ବା ସେହି ଆଇନ ହେଉ ଯାହା ପୀଡ଼ିତାମାନଙ୍କୁ ରକ୍ଷା କରେ, କିମ୍ବା ସେହି ନୀତି ଯାହା ଝିଅମାନଙ୍କୁ ସ୍କୁଲରେ ପାଠପଢ଼ା ବଜାୟ ରଖେ ଏବଂ ସେମାନଙ୍କ ଶିକ୍ଷାକୁ ପ୍ରୋତ୍ସାହିତ କରେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ' - ୨୦୪୭ ର ଦୃଷ୍ଟିକୋଣ ଏହି ଦୃଢ଼ ବିଶ୍ୱାସ ଉପରେ ଆଧାରିତ ଯେ କୌଣସି ରାଷ୍ଟ୍ର ନିଜର ସମ୍ପୂର୍ଣ୍ଣ କ୍ଷମତା ପର୍ଯ୍ୟନ୍ତ ସେତେବେଳେ ଯାଏଁ ପହଂଚି ପାରିବ ନାହିଁ, ଯେପର୍ଯ୍ୟନ୍ତ ତାର ଅଧା ନାଗରିକ ସେହି ସ୍ଥାନରୁ ବାହାରେ ରହିବେ ଯେଉଁଠାରେ ସତା ପରିଚାଳିତ ହୁଏ । ଯେମିତି କି ସେ ସବୁବେଳେ କହିଛନ୍ତି: 'ଭାରତ ସେତେବେଳେ ଏକ ବିକଶିତ ରାଷ୍ଟ୍ର ହେବ ଯେତେବେଳେ ଏହାର ମହିଳାମାନେ ନେବଳ ନିଜ ଘରେ, ବରଂ ନିଜ ସଂସଦରେ ମଧ୍ୟ ସମ୍ପୂର୍ଣ୍ଣ ସଶକ୍ତ ହେବେ । 'ନାରୀ ଶକ୍ତି ବନ୍ଦନ ଅଧିନିୟମ ଭାରତୀୟ ମହିଳାମାନଙ୍କ ପାଇଁ କିଛି ନୂଆ ସୃଷ୍ଟି କରୁନାହିଁ । ଏହା ସେହି ପାଣ୍ଡିତ୍ୟ, ସାହସ ଏବଂ ନେତୃତ୍ୱ ନେବାର ଇଚ୍ଛାଶକ୍ତି ପାଇଁ ଏକ ପ୍ରାତିଷ୍ଠାନିକ ସ୍ଥାନ ନିଶ୍ଚିତ କରିଛି, ଯାହା ମହିଳାମାନଙ୍କ ମଧ୍ୟରେ ପୂର୍ବରୁ ହିଁ ରହିଛି । ଶୌଚାଳୟର ଗରିମାଠାରୁ ସଂସଦରେ ସମାନ ସ୍ୱର ପର୍ଯ୍ୟନ୍ତ, ଏହା କେବଳ ଏକ ବୈଧାନିକ ଯାତ୍ରା ନୁହେଁ । ଏହା ଏପରି ଏକ ରାଷ୍ଟ୍ରର କାହାଣୀ ଯିଏ ଶେଷରେ ସମ୍ପୂର୍ଣ୍ଣତା ଆଡ଼କୁ ବଢ଼ିବା ପାଇଁ ନିଷ୍ପତି ନେଇଛି । 'ଅଧା ଜନସଂଖ୍ୟାର ସ୍ୱର ଶେଷରେ ଶୁଭିଲା । ଦୃଷ୍ଟିକୋଣ ସ୍ପଷ୍ଟ । ଏହି ଅଭିଯାନ ଜାରି ରହିବ' ।

***(ଲେଖିକା ମହାରାଷ୍ଟ୍ର ସରକାରରେ ରେସିଡେଂଟ କମିଶନର ଏବଂ ସଚିବ ପଦରେ କାର୍ଯ୍ୟରତ ଅଛନ୍ତି ଏବଂ ଆଇଆଇଟି ବମ୍ବେରୁ ପିଏଚଡି କରୁଛନ୍ତି)***

# ଓଡ଼ିଆ ପକ୍ଷ ଅବସରରେ 'ଆମ ରୁଚି ଆମ ଖାଦ୍ୟ' ଆୟୋଜିତ



ଜଗତସିଂହପୁର(ନିପ୍ର): ଓଡ଼ିଆ ପକ୍ଷ ପାଳନ–୨୦୨୬ ଅବସରରେ "ପାରମ୍ପରିକ ଖାଦ୍ୟ ଦିବସ – ଆମ ରୁଚି, ଆମ ଖାଦ୍ୟ" ଜିଲ୍ଲାସ୍ତରରେ ଉତ୍ସାହର ସହିତ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଓଡ଼ିଆ ପାରମ୍ପରିକ ଖାଦ୍ୟର ସମୃଦ୍ଧି, ସ୍ୱାଦ ଓ ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରାଯାଇଛି । ସ୍ୱଦେଶୀ ଖାଦ୍ୟ ପ୍ରତି ଆଗ୍ରହ ବଢ଼ାଇବା ସହିତ ଆମ ପାରମ୍ପରିକତାକୁ ସୁରକ୍ଷିତ ଓ ସଂରକ୍ଷିତ ରଖିବା ପାଇଁ ଏହା ଏକ ଅଭିନବ ପଦକ୍ଷେପ । ଜିଲ୍ଲା ର ସମସ୍ତ ବ୍ଲକ୍ ତଥା ପୌରପରିଷଦରେ 'ଆମ ରୁଚି ଆମ ଖାଦ୍ୟ' ଆୟୋଜିତ ହୋଇଯାଇଛି । ବହୁ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଆଦି ଉପସ୍ଥିତ ରହି ପାରମ୍ପରିକ ଓଡ଼ିଆ ଖାଦ୍ୟ ଏପରିକି ମାଣ୍ଡିଆରୁ ପ୍ରସ୍ତୁତ ଯଥା ଏଣ୍ଡୁରି ପିଠା, ଆରିଷା ପିଠା, ମାଣ୍ଡିଆ ପିଠା, ପୋଡ଼ ପିଠା, ଦହିବରା, ମାଣ୍ଡିଆ ସରବତ ଆଦି ପ୍ରଦର୍ଶିତ କରିଥିଲେ । ଏଥି ସହିତ ଓଡ଼ିଆ ଘରର ପରିଚୟ ପଖାଳ ପସରା ମଧ୍ୟ ପରିବେଷଣ କରିଥିଲେ । ରଘୁନାଥପୁର ଠାରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, 'ଓଡ଼ିଆ ନବ ବର୍ଷ ଆମ ସଂସ୍କୃତି ଓ ସ୍ୱାଭିମାନର ପ୍ରତୀକ । ଆଜିର ଏହି କାର୍ଯ୍ୟକ୍ରମ ଆମର ପାରମ୍ପରିକ କଳାକୁ ଉଜ୍ଜୀବିତ ରଖିବାରେ ସାହାଯ୍ୟ କରିବ । ମା' ମାନଙ୍କ ହାତର ପିଠା ଓ ପଣା ଆମ ଘରେ ଘରେ ଓଡ଼ିଆଣୀର ପରିଚୟ ଦେଇଥାଏ । ଓଡ଼ିଆ ଖାଦ୍ୟ ପରମ୍ପରା କେବଳ ସ୍ୱାଦ ନୁହେଁ, ବରଂ ଏହା ଆମ ପରିଚୟର ଏକ ଅବିଚ୍ଛେଦ୍ୟ ଅଂଶ । ଏହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଆମର ଆଗାମୀ ପିଢ଼ିକୁ ନିଜ ସଂସ୍କୃତି ସହ ଯୋଡ଼ି ରଖିପାରିବା । 'ପ୍ରତ୍ୟେକ ଗୋଷ୍ଠୀକୁ ଅଂଶଗ୍ରହଣ ପ୍ରମାଣପତ୍ର ସହିତ ବିଜେତା ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରିଥିଲେ । ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲା ପର୍ଯ୍ୟଟନ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିକାଶ ଅଧିକାରୀ ମୀରାବାଈ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନଙ୍କ ସହ ସମସ୍ତ କର୍ମକର୍ତା ଆମ ରୁଚି ଆମ ଖାଦ୍ୟ ପାଳନ କରିଥିଲେ ।

# ଯାତ୍ରା ପାର୍ଟିକୁ ଆଡଭାନ୍ସ ଦେଇ ଠକେଇ, ଧାରଣାରେ ଯାତ୍ରା କମିଟି



ଧାମନଗର(ନିପ୍ର): ଧାମନଗର ବ୍ଲକ ଧୂଷୁରୀ ଥାନା ଅଧୀନ ଫତେପୁର ଗ୍ରାମରେ ଯାତ୍ରା ଗାଡ଼ିକୁ ଅଟକାଇବା ନେଇ ଉତେଜନା ଦେଖାଦେଇଛି । "ଯାତ୍ରା ଅଶୋକ ସମ୍ରାଟ" ନାମକ ଯାତ୍ରା ପାର୍ଟିକୁ ୯ ଲକ୍ଷ ଟଙ୍କା ଅଗ୍ରିମ ଦେଇଥିଲେ ସତ୍ତ୍ୱେ ଯାତ୍ରା ପରିବେଷଣ ନହେବାରୁ ବାସନ୍ତୀ ଦୁର୍ଗାପୂଜା କମିଟିର ସଦସ୍ୟମାନେ ପ୍ରତିବାଦରେ ଗାଡି ଆଗରେ ଧାରଣାରେ ବସିଛନ୍ତି । ଅଭିଯୋଗ ଅନୁସାରେ, ଚାନ୍ଦବାଲି ଥାନା ଅଧୀନ ତେନ୍ତୁଳିଡିହ ଗ୍ରାମର ବାସନ୍ତୀ ଦୁର୍ଗାପୂଜା ଅବସରରେ ଯାତ୍ରା ପରିବେଷଣ ପାଇଁ ଯାତ୍ରା ପାର୍ଟିର ମାଲିକ ଅନନ୍ତ ଧଳ ଓରଫ ନାଣ୍ଟୁ ବାବୁଙ୍କୁ କମିଟି ପକ୍ଷରୁ ୯ ଲକ୍ଷ ଟଙ୍କା ଅଗ୍ରିମ ଦିଆଯାଇଥିଲା । କିନ୍ତୁ ନିର୍ଦ୍ଧାରିତ ସମୟରେ ଯାତ୍ରା ପାର୍ଟି ଆସିନଥିବା ସହିତ ଟଙ୍କା ମଧ୍ୟ ଫେରସ୍ତ କରାଯାଇନଥିବାରୁ କମିଟି ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ । କମିଟି ସଦସ୍ୟ ରୂପେଶ ରାଉତ ସହ ଅନ୍ୟମାନେ ଏହି ଘଟଣାକୁ ନେଇ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ମିଳିନଥିଲା । ପରେ ରବିବାର ଦିନ ସେମାନେ ଖବର ପାଇଥିଲେ ଯେ ଉକ୍ତ ଯାତ୍ରା ପାର୍ଟି ଧୂଷୁରୀ ଥାନା ଅଧୀନ ଫତେପୁରରେ ଅନ୍ୟ ଏକ କାର୍ଯ୍ୟକ୍ରମରେ ପରିବେଷଣ କରୁଛି । ତୁରନ୍ତ କମିଟି ସଦସ୍ୟମାନେ ସେଠାକୁ ପହଂଚି ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ କରିବା ସହ ଯାତ୍ରା ପାର୍ଟିର ଗାଡି ଆଗରେ ଧାରଣାରେ ବସିଥିଲେ । ସଦସ୍ୟମାନଙ୍କ କହିବା ଅନୁଯାୟୀ, ଟଙ୍କା ଫେରସ୍ତ ନ ହେଉଅଯାଏ ପର୍ଯ୍ୟନ୍ତ ସେମାନେ ଏହି ଧାରଣା ଜାରି ରଖିବେ । ଏପଟେ, ଯାତ୍ରା ପାର୍ଟିର ପରିଚାଳକ ପଣ୍ଡା ବାବୁ କହିଛନ୍ତି ଯେ ଟଙ୍କା ଲେନଦେନ ସମ୍ପର୍କରେ ସେ କିଛି ଜାଣିନାହାନ୍ତି ଏବଂ ଧାରଣାରେ ବସିଥିବା କମିଟି ସଦସ୍ୟମାନଙ୍କ ଉପରେ ପାଲଟା ଅଭିଯୋଗ ମଧ୍ୟ କରିଛନ୍ତି । ଘଟଣାସ୍ଥଳରେ ପୋଲିସ ପରିସ୍ଥିତିକୁ ନଜରରେ ରଖିଥିବା ବେଳେ ତଦନ୍ତ ଜାରି ରହିଛି ।

# ନୂଆଗାଁ ହନୁମାନଙ୍କ ବାର୍ଷିକ ଉତ୍ସବ



ସୋର(ନିପ୍ର): ସୋର ବ୍ଲକ ଅନ୍ତର୍ଗତ ଶିଙ୍ଗାଖୁଂଟା ଗ୍ରାମ ପଂଚାୟତର ନୂଆଗାଁ ଠାରେ ହନୁମାନଙ୍କ ଜୟନ୍ତୀ ଉପଲକ୍ଷେ ପାଂଚ ଦିନିଆ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ଆଜି ଏକ ବିଶାଳ କଳସ ଶୋଭାଯାତ୍ରା ଯୋକା ବିଶେଶ୍ୱର ମନ୍ଦିର ପୋଖରୀରୁ ବାହାରି ଯଜ୍ଞସ୍ଥଳରେ ପହଞ୍ଚଥିଲା । ଏଥିରେ ଶତାଧିକ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ । ସଂଧ୍ୟାରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା । ଅଷ୍ଟମ ପ୍ରହର ଓ ମହାଯଜ୍ଞ, ପ୍ରବଚନ, ଭଜନ ସଂଧ୍ୟା ଏବଂ ପାଂଚଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମୁଖ୍ୟ ଆଚାର୍ଯ୍ୟ ଭାବେ ଅଜୟ କୁମାର ମିଶ୍ର ପୂଜାକାର୍ଯ୍ୟ ପରିଚାଳନା କରୁଥିବା ବେଳେ ବଜରଙ୍ଗବାଲୀ କ୍ଲବର ସଭ୍ୟ ପଦ୍ମଲୋଚନ ରାଉତ, ରମେଶ କୁମାର ବେହେରା, ସଞ୍ଜୟ କୁମାର ସେଠୀ, ନରେନ୍ଦ୍ର କୁମାର ପାତ୍ର, ଅଜୟ କୁମାର ଜେନାପ୍ରଭାକର ସାମନ୍ତରାୟ, ସୁଧାକର ସାମନ୍ତରାୟ, ଚିନ୍ମୟ ପାତ୍ର, ସଞ୍ଜୟ କୁମାର ଜେନା, ବାସୁଦେବ ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

# ହତ୍ୟାକାଣ୍ଡର ପର୍ଦ୍ଦାଫାସ: ୫ ଗିରଫ



ଯାଜପୁର(ନିପ୍ର): ଯାଜପୁର ଟାଉନର ଚର୍ଚ୍ଚିତ ଗୁଳିକାଣ୍ଡ ଘଟଣାରେ ବଡ଼ ସଫଳତା ପାଇଛି ପୋଲିସ । ହତ୍ୟାକାଣ୍ଡର ପର୍ଦ୍ଦାଫାସ କରି ମୃତ ଯୁବକଙ୍କ ପତ୍ନୀଙ୍କ ସମେତ ମୋଟ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଯାଜପୁର ପୋଲିସ । ପ୍ରେମ, ପରକୀୟା ସମ୍ପର୍କ ଓ ବ୍ୟକ୍ତିଗତ ଦ୍ୱନ୍ଦ୍ୱ ହିଁ ଏହି ହତ୍ୟାର ପ୍ରଧାନ କାରଣ ଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି । ଗତ ୬ ତାରିଖ ରାତିରେ ଯାଜପୁରର କାଳୀମେଘା ଅଂଚଳରେ ଥିବା ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ଗେଷ୍ଟହାଉସ ସମ୍ମୁଖରେ ଘଟିଥିଲା ଏହି ଗୁଳିକାଣ୍ଡ । ଏହି ଘଟଣାରେ ସୋମ୍ୟସାଗର ସାମଲ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା । ଘଟଣା ପରେ ତଦନ୍ତକୁ ତୀବ୍ର କରିଥିବା ପୋଲିସ ଏବେ ଏହାର ମୂଳ ସୂତ୍ର ଖୋଜିବାରେ ସଫଳ ହୋଇଛି । ପୋଲିସ ତଦନ୍ତରେ ଜଣାପଡ଼ିଛି ଯେ, ମୃତକଙ୍କ ପତ୍ନୀ ଶୁଭଶ୍ରୀ, ମୁଖ୍ୟ ଅଭିଯୁକ୍ତ ତାପସ କୁମାର ଖିଲାର ଓ ତାଙ୍କ ଭଉଣୀ ପ୍ରିତିପ୍ରଭା ପ୍ରିୟଦର୍ଶିନୀ ମିଶି ଏହି ହତ୍ୟାକାଣ୍ଡର ଯୋଜନା କରିଥିଲେ । ସୂଚନା ମୁତାବକ ପ୍ରିତିପ୍ରଭା ଓ ଶୁଭଶ୍ରୀ ସହରର ଗୋଟିଏ ପାର୍ଲର ରେ ମିଶି କାମ କରୁଥିଲେ । ଏପରିକି ପ୍ରୀତିପ୍ରଭାଙ୍କ ସହ ଶୁଭଶ୍ରୀଙ୍କ ସମଲିଙ୍ଗୀ ସମ୍ପର୍କ ମଧ୍ୟ ଥିବା କଥା କୁହାଯାଇଛି । ତେବେ ତାପସଙ୍କ ସହ ଶୁଭଶ୍ରୀଙ୍କ ପରକୀୟା ପ୍ରେମ ସମ୍ପର୍କ ଓ ବ୍ୟକ୍ତିଗତ ଦ୍ୱନ୍ଦ୍ୱକୁ ନେଇ ସୌମ୍ୟଙ୍କୁ ରାସ୍ତାରୁ ହଟାଇବା ପାଇଁ ଏହି ଚକ୍ରାନ୍ତ ହୋଇଥିବା ଜଣାପଡିଛି । ଏହି ଘଟଣାରେ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ମଧ୍ୟରେ ଶୁଭଶ୍ରୀ, ତାପସ, ପ୍ରିତିପ୍ରଭା ସହ ଦୁଇଜଣ ଅସ୍ତ୍ର ସପ୍ଲାୟର ମଧ୍ୟ ରହିଛନ୍ତି । ପୋଲିସ ଅଭିଯୁକ୍ତମାନଙ୍କ ଠାରୁ ହତ୍ୟାରେ ବ୍ୟବହୃତ ଦେଶୀ ପିସ୍ତଲ, ଏକ ମୋଟର ସାଇକେଲ ଓ ୭ଟି ମୋବାଇଲ ଜବତ କରିଛି । ବୈତରଣୀ ନଦୀ ପଠାରୁ ପିସ୍ତଲଟି ଉଦ୍ଧାର ହୋଇଛି । ମୃତକ ସୌମ୍ୟଙ୍କ ପରିବାର ଲୋକ ଏହି ଘଟଣାକୁ ନିନ୍ଦା କରିବା ସହ ଅଭିଯୁକ୍ତ ମାନଙ୍କୁ କଠୋରତମ ଶାସ୍ତି ଏବଂ ଫାଶୀ ଦଣ୍ଡ ଦେବାକୁ ଦାବି କରିଛନ୍ତି । ଏହି ଘଟଣା ଯାଜପୁର ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ପୋଲିସର ତ୍ୱରିତ ତଦନ୍ତ ଓ ତନାଘନା ଯୋଗୁଁ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି ଯାଜପୁର ପୋଲିସ । ଯାହାକୁ ନେଇ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି । ସେପଟେ ଆଗାମୀ ଦିନରେ ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିବ ବୋଲି ସୂଚନା ଦେଇଛି ପୋଲିସ ।

# ରାମାଧୀନ ସଂସ୍କୃତ ମହାବିଦ୍ୟାଳୟରେ ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ



ବ୍ରହ୍ମପୁର(ନି.ପ୍ର.) ଦିନ ବ୍ରହ୍ମପୁର ସହରର ସାରସ୍ୱତ ଜ୍ଞାନପୀଠ ରୂପେ ଅଭିହିତ ରାମାଧୀନ ସଂସ୍କୃତ ମହାବିଦ୍ୟାଳୟରେ ଗଞ୍ଜାମ ଜିଲ୍ଲାର ବହୁ ଜ୍ଞାନୀ, ଗୁଣୀ ଓ ବିଦ୍ୱାନ ବ୍ୟକ୍ତିଙ୍କ ଉପସ୍ଥିତିରେ ବଂଶୀବଟ ମାନସ ସେବା ସମିତି, ଗଞ୍ଜାମ ଶାଖା ତରଫରୁ ଏକ ବିଷୁବ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି କ୍ଷ ଉକ୍ତ ବୈଠକର ମୁଖ୍ୟ ଆଧାତ୍ମିକ ପ୍ରସଙ୍ଗ ଥିଲା 'ଶ୍ରୀ ଜଗନ୍ନାଥ ଓ ରାଜା ଇନ୍ଦ୍ରଦ୍ୟୁମ୍ନ' କ୍ଷ ଉକ୍ତ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲା ବଂଶୀବଟ ଅନୁଷ୍ଠାନର ସଭାପତି ଏ. ସନ୍ୟାସୀ ରାଓ, ଜିଲ୍ଲା ସମ୍ପାଦକ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ପାତ୍ର, ପତ୍ରିକା ସମ୍ପାଦକ ଶ୍ରୀଯୁକ୍ତ ବୃନ୍ଦାବନ ସାହୁ ମହୋଦୟ, ସହଯୋଗୀ ଶ୍ରୀ ରାଧା ଚରଣ ସାହୁ, ବିଜୟ କୁମାର ପାଳ, ଶ୍ରୀ ସନ୍ତୋଷ ସାହୁଙ୍କ ଉପସ୍ଥିତି ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା କ୍ଷ ଉକ୍ତ ଭବ୍ୟ ସାହିତ୍ୟ ଆସରରେ ଶ୍ରୀଯୁକ୍ତ ଏ. ସନ୍ୟାସୀ ରାଓ ସଭାପତିତ୍ୱ କରିଥିଲେ କ୍ଷ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ଅଧକ୍ଷ ଡଃ ହରିହର ଦାସ ମହାରାଜ ଓ ମୁଖ୍ୟ ବକ୍ତା ରୂପେ ଜ୍ୟୋତିର୍ବିଦ ଡଃ ଅନ୍ନଦା ତ୍ରିପାଠୀ ଯୋଗଦେଇଥିଲେ କ୍ଷ ପ୍ରଥମେ ଶ୍ରୀମତୀ ଅମିତା ଦାଶ ମିଶ୍ର ଓ ଶ୍ରୀମତୀ ରୀନାରାଣୀ ମୁନି ମହୋଦୟା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ କ୍ଷ ତତ୍ପରେ ଗୀତାତତ୍ତ୍ୱବିଦ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପଣ୍ଡା ଶ୍ରୀମଦ ଭଗବତ ଗୀତାର ଦ୍ୱାଦଶ ଅଧ୍ୟାୟ ପାଠ କରିଥିଲେ କ୍ଷ ସାହିତ୍ୟ ପତ୍ରିକା ବଂଶୀବଟର ବିଷୁବ ସଂଖ୍ୟା ମୁଖ୍ୟ ଅତିଥି ଡଃ ହରିହର ଦାଶଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା କ୍ଷ ଉକ୍ତ ବୈଠକରେ ପ୍ରଥମା ଓ ମଧ୍ୟମା ଶାଖା, ରାମାଧୀନ ସଂସ୍କୃତ ମହାବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ରବି ନାରାୟଣ ପଟ୍ଟନାୟକ, ସହକାରୀ ଶିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର ମିଶ୍ର, ଗଞ୍ଜାମ ଜିଲ୍ଲାର ମାନ୍ୟଗଣ୍ୟ ବିଦ୍ୱାନ ଶ୍ରୀ ମୋଚିରାମ ଦାଶ, ଶ୍ରୀ ରଜନୀ କୁମାର ଦାଶ, ଶ୍ରୀ ସୁନୀଲ କୁମାର ରଥ, ଶ୍ରୀ ସିମାଂଚଳ ଶତପଥୀ ଆଦି ବହୁ ଅତିଥି ଯୋଗଦାନ କରି ସାହିତ୍ୟ ଆସରକୁ ଅତ୍ୟନ୍ତ ଚିତାକର୍ଷକ କରିଥିଲେ । ପରିଶେଷରେ ସଭାପତି ମହୋଦୟଙ୍କ ଦ୍ୱାରା ସଭା ସାଙ୍ଗ କରାଯାଇଥିଲା ।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ମେଳା



ଭୁବନେଶ୍ୱର: ଆଜି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ର ଗୃହବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ଧୂମଧାମ ରେ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ର ପାରମ୍ପରିକ ଖାଦ୍ୟ ମେଳା ଆୟୋଜିତ ହୋଇଯାଇଅଛି ।ଏହି ମେଳାରେ ଗୃହ ବିଜ୍ଞାନ ବିଭାଗ ର ଉଦୀୟମାନ ଛାତ୍ରୀ ଉଦ୍ୟୋଗୀ ତଥା ଆଗ୍ରହୀ ଛାତ୍ରୀ ମାନେ ଆମ ଖାଦ୍ୟ ଏ୍ଂ ଆମ ରୁଚି କୁ ଆଖିରେ ରଖି ବିଭିନ୍ନ ପିଠାପଣା ପ୍ରଦର୍ଶନ କରିଥିଲେ । ଏହି ପ୍ରଦର୍ଶନୀ କୁ ବିଶ୍ୱବିଦ୍ୟାଳୟ ର ମାନ୍ୟବର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ. ବି. ରାଉତ ଉଦଘାଟନ କରି ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।ବିଭାଗ ର ମୁଖ୍ୟ ଡ଼. ଜ୍ୟୋତିର୍ମୟୀ ଉଦଗାତା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀମାନେ ଚନ୍ଦ୍ରକାନ୍ତି, ଛୁଁଚିପତ୍ର ପିଠା, ଚକୁଳି ପିଠା, କ୍ଷୀର ପୋଡପିଠା, ପୋଡ଼ପିଠା, ଆରିସା, କାକରା, ମାଣ୍ଡିଆ ପାଣିପୁରି, ଦହିବରା ଆଳୁଦମ୍, ସରପୁଳି, ଏଣ୍ଡୁରି ପିଠା, ଗଇଁଠା, ବିଭିନ୍ନ ପ୍ରକାର ର ସାଲାଡ୍ ଆଦି ପ୍ରସ୍ତୁତ କରିଥିଲେ । ମାନ୍ୟବର କୁଳପତି କ୍ଷୀର ପୋଡପିଠା କାଟି ଛାତ୍ରୀମାନଙ୍କୁ ଖୋଇ ସେମାନଙ୍କର ଭବିଷ୍ୟତ ଉଦ୍ୟମିତା ର ଶୁଭ କାମନା କରିଥିଲେ । ଗୃହ ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀ ର ଭୂୟସୀ ପ୍ରଶଂସା କରି ସେ ଆଗାମୀ ଦିନ ରେ ଖାଦ୍ୟ ଉତ୍ପାଦନ ଏବଂ ଉଦ୍ୟମିତା ସୃଷ୍ଟି ପାଇଁ ବିଶେଷ ଧ୍ୟାନ ଦେବା ପାଇଁ ମତବ୍ୟକ୍ତ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ସ୍ନାତକତୋର ଅଧକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ, ରେଜିଷ୍ଟ୍ରାର ଶ୍ରୀମତୀ ମନସ୍ୱିନୀ ସହୁ, ବିତ ନିୟନ୍ତ୍ରକ ଶ୍ରୀମତି ମିତା ରାଣୀ ବିଶ୍ୱାଳ, ମହାବିଦ୍ୟାଳୟ ବିକାଶ ପରିଷଦ ଅଧକ୍ଷ ପ୍ରଫେସର ସସ୍ମିତା ମହାନ୍ତି, ଆଭ୍ୟନ୍ତରୀଣ ଗୁଣବତା ନିଶ୍ଚିତତା ଅଧକ୍ଷ ପ୍ରଫେସର ଶିଖା ସିଂ,ଛାତ୍ରୀ କଲ୍ୟାଣ ଅଧକ୍ଷ ପ୍ରଫେସର୍ ଅପରାଜିତା ବିଶ୍ୱାଳ, ପରୀକ୍ଷା ନିୟନ୍ତ୍ରକ ଡ଼. ଅନିତା ମେକାପ, ଗୃହ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ଼. ସରିତା ମିଶ୍ର, ହେଲେନା ଯତି, ବି ଆର୍ ଆଭା ଆୟୁଶ୍ରୀ, ମୋନାଲିସା ମୁଣ୍ଡା, ଡ଼ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ନମିତା ରାଣୀ ବେହେରା ସମେତ ବିଶ୍ୱବିଦ୍ୟାଳୟ ର ମାନ୍ୟଗଣ୍ୟ ପ୍ରଫେସର ତଥା ଛାତ୍ରୀମାନେ ଉପସ୍ଥିତ ଥିଲେ ।

# ଲଖନପୁରରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ

ଝାରସୁଗୁଡ଼ା,(ନି.ପ୍ର.) ଲଖନପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ପ୍ରତ୍ୟକ୍ଷ ଶୁଣାଣି କରିବା ସହ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଶିବିରରେ ମୋଟ ୪୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୨୮ଟି ବ୍ୟକ୍ତିଗତ ସମସ୍ୟା ଭିତିକ ହୋଇଥିବା ବେଳେ ୧୩ଟି ସାମୂହିକ ଅଭିଯୋଗ ରହିଥିଲା । ଏଥିସହ ୩ ଜଣଙ୍କୁ ସହାୟତା ପାଣ୍ଠି ରୁ ୨୫,୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଏହି ଶିବିରରେ ମୁଖ୍ୟତଃ ଜମିଜମା ବିବାଦ, ବେଆଇନ ମଦ କାରବାର ଉପରେ ରୋକ ଲଗାଇବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ସେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନୂତନ ରାସନ କାର୍ଡ ପ୍ରଦାନ ଏବଂ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ଅଭିଯୋଗମାନ ଆସିଥିଲା । ଜିଲ୍ଲାପାଳ ପ୍ରତ୍ୟେକଟି ଆବେଦନକୁ ଗୁରୁତ୍ୱର ସହ ବିଚାର କରି କେତେକ ସମସ୍ୟାର ତତ୍କାଳ ସମାଧାନ କରିବା ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଉକ୍ତ ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ଶ୍ରୀ ସବ୍ୟସାଚୀ ପଣ୍ଡା, ଲଖନପୁର ବ୍ଲକ ଅଧ୍ୟକ୍ଷା ଶ୍ରୀମତି ହୁତେଶ୍ୱରୀ ତିହିରିଆ ଏବଂ ବିଡିଓ ଶ୍ରୀ ବିନୟ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ନିଜ ନିଜ ବିଭାଗ ସମ୍ପର୍କିତ ସମସ୍ୟାର ଉତର ରଖିଥିଲେ ।

# ବିଉଟିସିଆନ ଓ୍ୱେଲ ଫେୟାର ଆସୋସିଏସନ୍ ରାଜ୍ୟସ୍ତରୀୟ କ୍ୟାବିନେଟ୍ ବୈଠକ

କଟକ: (ନି. ପ୍ର)ଖପୁରୀଆସ୍ଥିତ ଓସ୍ୱେ ହଲ ମଧ୍ୟରେ ବିଉଟିସିଆନ୍ ଆସୋସିଏସନ୍ ଓ୍ୱେଲ ଫେୟାର ଆସୋସିଏସନ୍ ର ରାଜ୍ୟସ୍ତରୀୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ୨୫ଟି ଜିଲ୍ଲାରୁ ସଭାପତି ଓ ସମ୍ପାଦକ ଉପସ୍ଥିତ ହୋଇ ଏହି ସଂଘର ଉନ୍ନତି ଏବଂ ଅଧିକରୁ ଅଧିକ ସଭ୍ୟା ମାନଙ୍କର କିପରି ବୃଦ୍ଧି ପାଇବ ସେ ବିଷୟରେ ଆଲୋଚନା ହେବା ସହିତ ସରକାରୀ ଅନୁଦାନ କିପରି ପାଇ ବିଉଟିସିଆନମାନେ କିପରି ସ୍ୱାବଲମ୍ବୀ ହୋଇ ପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା । ଏତଦ୍ ବ୍ୟତୀତ ଆଜିର ଡିଜିଟାଲ ଯୁଗରେ ସଂଘ ବିଷୟରେ ସମସ୍ତେ ଅବଗତ ହେବା ପାଇଁ ଏକ ଆପ୍ ଖୋଲିବାର ମଧ ପ୍ଲାନିଙ୍ଗ କରାଯାଉଛି । ଏହାଦ୍ୱାରା ସଂଘର ବୋହୁମୁଖି ଉନ୍ନତି ହେବାର ସୁଯୋଗ ଫିଟିଯିବ । ଏହି କାର୍ଯ୍ୟକ୍ରମରେ ମଂଚସୀନ କର୍ମକର୍ତାଙ୍କ ମଧ୍ୟରେ ରାଜ୍ୟ ବିଉଟିସିଆନ୍ ଆସୋସିଏସନ୍ ର ରାଜ୍ୟ ସଭାପତି ସୁପ୍ରିୟା ମିଶ୍ର, ଉପସଭାପତି କ୍ରୀଷ୍ଣାପ୍ରିୟା ତ୍ରିପାଠୀ, ସମ୍ପାଦିକା ସୁନିତା ରାୟ, ଯୁଗ୍ମ ସମ୍ପାଦିକା ମଞ୍ଜୁଳା ରାଉତ, ଜିଲ୍ଲା ସଭାପତି ଇତିଶ୍ରୀ ମହାନ୍ତି, ଜିଲ୍ଲା ସମ୍ପାଦିକା ମଧୁସ୍ମିତା ରାଉତ, ଜିଲ୍ଲା ସଂଯୋଜିକା ନିବେଦିତା ପ୍ରଧାନ ରାଜ୍ୟ ପତ୍ରିକା ସମ୍ପାଦିକା ସଂଯୁକ୍ତା ସାହୁ ୨୫ଟି ଜିଲ୍ଲାର ମୁଖ୍ୟ କର୍ମକର୍ତାମାନେ ଉପସ୍ଥିତ ହୋଇ ଆଗାମୀ ଦିନରେ ସମସ୍ତ କାର୍ଯ୍ୟକ୍ରମ ବିଷୟରେ ଆଲୋଚନାରେ ସଫଳ ହୋଇଥିଲେ ।

# ସମ୍ବଲପୁର ରେଳ ମଣ୍ଡଳରେ ଉନ୍ନତ ମାନର ନିରୀକ୍ଷଣ ବ୍ୟବସ୍ଥା

ସମ୍ବଲପୁର, (ହି.ସ.) -ସମ୍ବଲପୁର ରେଳ ଷ୍ଟେସନରେ ଯାତ୍ରୀ ସୁରକ୍ଷା ବୃଦ୍ଧି ଏବଂ ଷ୍ଟେସନ ପରିଚାଳନାରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଚଳିତ ବର୍ଷ ଡିଭିଜନର ପ୍ରମୁଖ ରେଳ ଷ୍ଟେସନ ଗୁଡ଼ିକରେ ମୋଟ ୨୦୯ଟି ଅତିରିକ୍ତ ସିସି ଟିଭି କ୍ୟାମେରା ସ୍ଥାପନ କରାଯାଇଛି । ଏହି ପଦକ୍ଷେପ ମୁଖ୍ୟତଃ ଭିଡ଼ ନିୟନ୍ତ୍ରଣକୁ ସୁଧାରିବା ପାଇଁ, ବିଶେଷକରି ଅଧିକ ଯାତ୍ରୀ ଭିଡ଼ ଥିବା ସମୟରେ, ଏବଂ ଷ୍ଟେସନ୍ ପରିସରରେ ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ପାଇଁ ନିଆଯାଇଛି । ବିସ୍ତାରିତ ନିରୀକ୍ଷଣ ବ୍ୟବସ୍ଥା ଦ୍ୱାରା ବାସ୍ତବ-ସମୟ ତଦାରଖ, ଘଟଣାରେ ଶୀଘ୍ର ପ୍ରତିକ୍ରିୟା ଦେବା ସହିତ ରେଳ କର୍ମଚାରୀ ଓ ସୁରକ୍ଷା କର୍ମୀମାନଙ୍କ ମଧ୍ୟରେ ଭଲ ସମନ୍ୱୟ ସୁନିଶ୍ଚିତ ହେବ । ଏହି କ୍ୟାମେରାଗୁଡ଼ିକର ସ୍ଥାପନ ଏକ ନିରାପଦ, ସୁରକ୍ଷିତ ଏବଂ ଯାତ୍ରୀ-ଅନୁକୂଳ ପରିବେଶ ପ୍ରଦାନ କରିବା ପାଇଁ ଡିଭିଜନର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଉନ୍ନତ ନିରୀକ୍ଷଣ ପ୍ରଣାଳୀ ସହିତ, କର୍ତୃପକ୍ଷମାନେ ସନ୍ଦେହଜନକ କାର୍ଯ୍ୟକଳାପକୁ ଶୀଘ୍ର ଚିହ୍ନଟ କରି ସମୟୋଚିତ ପ୍ରତିରୋଧକ ପଦକ୍ଷେପ ନେବାରେ ସକ୍ଷମ ହେବେ । ସମସ୍ତ ଯାତ୍ରୀଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ରେଳ କର୍ମଚାରୀଙ୍କ ସହଯୋଗ କରିବେ ଏବଂ କୌଣସି ଅସାମାନ୍ୟ କିମ୍ବା ସନ୍ଦେହଜନକ କାର୍ଯ୍ୟକଳାପ ଦେଖିଲେ ତତ୍କ୍ଷଣାତ୍ ସୂଚନା ଦେବେ, ଯାହା ଦ୍ୱାରା ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ଯାତ୍ରା ଅନୁଭବ ସୁନିଶ୍ଚିତ ହେବ ।

# ଚାରିବାଟିଆ ପୂର୍ତ ବିଭାଗ ରାସ୍ତା ଖୋଳି ଠିକାଦାର ଫେରାର

ଧର୍ମଶାଳା (ହି.ସ.) - ରାସ୍ତାର ଉନ୍ନତିକରଣ ନିମନ୍ତେ ସରକାର କୋଟି କୋଟି ବ୍ୟୟ ବରାଦ କରୁଛନ୍ତି । ହେଲେ ରାସ୍ତାର ଉନ୍ନତିକରଣ ବଦଳରେ ରାସ୍ତା ଏବେ କେନାଲରେ ପରିଣତ ହେଲାଣି । ଯାହାକୁ ନେଇ ଗାଡି ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏନେଇ ବିଭାଗୀୟ ଅଧିକାରୀ ଓ ନିଯୁକ୍ତି ହୋଇଥିବା ଠିକାଦାରଙ୍କ ମଧୁଚନ୍ଦ୍ରିକାରୁ ରାସ୍ତା ୨ମାସରୁ ଉର୍ଦ୍ଧ ହେବ ଖାଲଖମାରେ ପରିଣତ ହୋଇ କେନାଲର ଭ୍ରମ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଚୌଦ୍ୱାର ଚାରିବାଟିଆ ଅଧିନରେ ଥିବା ବରୁହାଁ-କୃଷ୍ଣଦାସପୁର ମୁଖ୍ୟ ରାସ୍ତା କ୍ଷେତ୍ରରେ । ଏହି ରାସ୍ତାର ଧର୍ମଶାଳା ବ୍ଲକ କୋଟପୁର ପଂଚାୟତସ୍ଥ ଭଗବାନପୁର-ରମାପୁର ମଧ୍ୟସ୍ଥଳ ରାସ୍ତା ୨ମାସ ହେବ ଖୋଳା ହୋଇପଡିଛି । ଠିକାଦାର ଏହି ରାସ୍ତାର ପ୍ରସ୍ତିକରଣ ପାଇଁ ୨ମାସ ପୂର୍ବେ କାମ ଆରମ୍ଭ କରିଥିଲା । ତେବେ ଅଧ କିମି ରାସ୍ତାକୁ ଠିକାଦାର ଜେସିବି ଲଗାଇ ରାସ୍ତାକୁ ତାଡି ବେଲଡର ଓ ମାଟିକୁ ଅନ୍ୟତ୍ର ନେଇ ପକାଇ ଥିବା ବେଳେ ଏହି ରାସ୍ତା ୨।୩ଫୁଟ ଖାଲ ହୋଇ ପଡିଛି । ଏହି ଖାଲରେ ଡ୍ରଷ୍ଟ ଗୁଣ୍ଡ ନ ପକାଇ ଠିକାଦାର ରାସ୍ତା ଖୋଳି ପାର ହୋଇଯାଇଛି । ସେପଟେ ଖାଲ ରାସ୍ତା ଉଭୟ ପାଶ୍ୱରେ ସର୍ତକ ମୂଳକ ସୂଚନା ଦିଆଯାଇ ନାହିଁ । ଏପରିକି ବିନା ସୂଚନା ଫଳକରେ ରାସ୍ତାକୁ କେଉଁ ଉଦ୍ଦେଶ୍ୟରେ ଖୋଳା ଗଲା ତାହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସତର୍କ ସୂଚନା ନ ଥବାରୁ ସାଇକେଲ,ବାଇକ ଚାଳକମାନେ ଦୃର୍ଘଟଣାର ସମ୍ମୁଖୀନ ହୋଇଛନ୍ତି । ଅମଳ ସମୟରେ ଚାଷୀମାନେ ନାହିଁ ନ ଥିବା ଅସୁବଧାର ସମ୍ମୁଖୀନ ହୋିଛନ୍ତି । ଅଧ କମି ରାସ୍ତା ପାଇଁ ସେମାନଙ୍କ ୩ରୁ୪ କିମି ବୁଲି ବଲି ଯିବାକୁ ପଡୁଛି । ଏହି ରାସ୍ତା ଜିଲା ହେଡ କ୍ୱାଟରକୁ ଯିବାକୁ ମୁଖ୍ୟ ରାସ୍ତା ହୋଇଥିବା ବେଳେ ସ୍ଥାନୀୟ ୧୦ଗୋଟି ପଂଚାୟତ ଜନଧାରଣ ପ୍ରତିଦିନ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାନ୍ତି । ଏହି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିବା ଘଟଣାକୁ ନେଇ ସ୍ଥାନୀୟ ଅଂଚଳର ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି । ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମିଳିଭଗତରେ ଏହି କାମ ଚାଲିଛି । ଯାହାକି ରାସ୍ତା ଖୋଲା ହୋଇ ପଡି ରହିବା ସାଧାରଷର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବାରମ୍ବାର ଚୌଦ୍ୱାର ଚାରିବାଟିଆ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନାହିଁ । ଏନେଇ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଅମୀୟ କୁମାର ପରିଡା,ପୂର୍ବତନ ଜିଲା ପରିଷଦ ସଭ୍ୟ ନିର୍ମଳ ସାମଲ,ବରିଷ୍ଠ କଂଗ୍ରେସ ନେତା ସୁବୋଧ ସାମଲ,କୃଷକ ନେତା ପ୍ରଫୁଲ୍ଲ ବେହେରା,ସଂଜୟ ରାୟ,ନରେନ୍ଦ୍ର ଲେଙ୍କା,ପିତାମ୍ବର ରାୟ,ଶକ୍ତିଶ୍ୱର ସାମଲ ଓ ବାବୁଲା ସାମଲ ପ୍ରମୁଖ ବିରୋଧ କରିଛନ୍ତି । ତୁରନ୍ତ ରାସ୍ତା କାର ?ଯ୍ୟ କରିବାକୁ କୈଳାସ ସାମଲ,ଦିବ୍ୟଜ୍ୟୋତି ସାମଲ,ଅବିନାଶ ସାମଲ ଓ ପ୍ରସନ୍ନ ବାରିକ୍ ବିଭାଗୀୟ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହିତ ଦୁଇ ତିନି ଦିନ ଭିତରେ କାମ କରାନ ଗଲେ ଅନ୍ଦୋଳନର ଚେତାବନୀ ଦେଇଛନ୍ତି ।

# ପିଏମ୍ ଶ୍ରୀ ନାରାୟଣ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ



ନୟାଗଡ (ନି.ପ୍ର.)- ଶରଣକୁଳ ପିଏମଶ୍ରୀ ନାରାୟଣ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ-୨୦୨୫-୨୬ ବିଦ୍ୟାଳୟ ପରିସରରେ ସୋମବାର ମହା ସମାରୋହରେ ପାଳିତ ହୋଇଯାଇଅଛି । ପ୍ରଥମ ଅଧିବେଶନରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନି ଉତ୍ସବରେ ଜିଲ୍ଲା ପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍ସବକୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ କ୍ଷ ଚଳିତ ବର୍ଷ ଏହି ଉତ୍ସବ ଛାତ୍ର ଛାତ୍ରୀଙ୍କ ଶିକ୍ଷା, କ୍ରୀଡା ଓ ସଂସ୍କୃତିକ କାର୍ଯ୍ୟକ୍ରମ ଦିଗରେ ପିଏମ ଶ୍ରୀ ବିଦ୍ୟାଳୟ ବେଶ ସହାୟକ ହେବ ବୋଲି ମୁଖ୍ୟ ଅତିଥି କହିଥିଲେ କ୍ଷ ମୁଖ୍ୟବକ୍ତା ଭାବେ ଶରଣକୁଳ ଜୋନର ଜିଲ୍ଲାପରିଷଦ ସଭ୍ୟା ଚିନ୍ମୟୀ ଦାଶ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ପଂଚସଖା ସେତୁ ସଂଗଠନ ସଭାପତି ବିକ୍ରମ କୁମାର ଦାଶ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅନିଲ କୁମାର ଦାଶ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଶ୍ମିରଂଜନ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ କ୍ଷ ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ କ୍ଷ ସେହିପରି ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡିଶା ବିଧାନ ସଭା ବାଚସ୍ପତି ତଥା ରଣପୁର ବିଧାୟିକା ଶ୍ରୀମତୀ ସୁରମା ପାଢ଼ୀ ଯୋଗଦେଇ ଥିଲେ । ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିବା ବେଳେ ଓଡଗାଁ ବି.ଡି.ଓ ପ୍ରୀତି ବାଳା ରଣା, ତହସିଲଦାର ମାନସ କୁମାର ଭୋଇ, ଶରଣକୁଳ ସରପଂଚ ମିନାକ୍ଷୀ ପ୍ରସାଦ ସାହୁ, ହରହରପୁର ସରପଂଚ ବିଳାସିନୀ ଦେଇ, ସ୍କୁଲ ସଭାପତି ମାନସ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୁତ କରାଯାଇଥିଲା କ୍ଷ ଉତ୍ସବର ଦୁଇଟି ଯାକ ଅଧିବେଶନର ମଂଚକୁ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ଓ ଗୋଦାବରୀ ବସନ୍ତିଆ ସଂଯୋଜନା କରିଥିଲେ କ୍ଷ ପରିଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା କ୍ଷବାବେଳେ କୃତି ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବର ସଫଳ ରୂପାୟନ ପାଇଁ ସହଯୋଗ କରିଥିଲେ ।

# ମାଷ୍ଟର କ୍ୟାଂଟନରୁ ରାମ ମନ୍ଦିର ଚାଲିଲା ବିଶାଳ ମହିଳା ପଦଯାତ୍ରା




ଭୁବନେଶ୍ୱର :'ନାରୀ ଶକ୍ତି ବନ୍ଦନ ଅଧିନିୟମ-୨୦୨୩' ବର୍ତମାନ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ । ଦେଶରେ ପାଖାପାଖି ୫୦ ପ୍ରତିଶତ ମହିଳା ରହିଥିବା ବେଳେ ସେମାନଙ୍କୁ କେବଳ ହିତାଧିକାରୀ ଭାବେ ସୀମିତ ନ ରଖି ଦେଶର ନୀତି ନିର୍ମାତା ଭାବରେ ଭୂମିକା ନିର୍ବାହ କରିବାକୁ ଏହି ଅଧିନିୟମ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି । ବିଗତ ଦିନରେ ଅନେକ ସରକାର ମହିଳାଙ୍କୁ ଆରକ୍ଷଣ ନେଇ ଅନେକ ବଡ଼ ବଡ଼ କଥା କହିଥିବା ବେଳେ,ସଂସଦ ଠାରୁ ଆରମ୍ଭ କରି ବିଧାନସଭା ରେ ମହିଳା ଙ୍କ ପାଇଁ ୩୩% ଆରକ୍ଷଣ ବ୍ୟବସ୍ଥା କୁ ସୁନିଶ୍ଚିତ କରିବାକୁ ଜୋର୍ ସୋର୍ ରେ ଅଂଟା ଭିଡ଼ିଛି ବର୍ତମାନ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ।ଏଥିପାଇଁ ସଂସଦ ର ଆଗାମୀ ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଅଧିବେଶନ ରେ ସ୍ୱତନ୍ତ୍ର ଆଲୋଚନା ପାଇଁ ସ୍ଥିର କରାଯାଇଥିବା ବେଳେ ଏହି ଅଧିନିୟମ କୁ ଦୃଢ଼ ସମର୍ଥନ ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ସୋମବାର ଅପରାହ୍ନରେ,ଅଧିନିୟମ ସମର୍ଥନରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ୫୦୦୦ରୁ ଉର୍ଦ୍ଧ ମହିଳା ଏକତ୍ରିତ ହେବା ସହିତ ଭୁବନେଶ୍ୱର ମାଷ୍ଟର କେଂଟିନ ଛକ ରୁ ଆରମ୍ଭ କରି ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ଏହି ବିଶାଳ ମହିଳା ପଦଯାତ୍ରା କୁ ବିଜେପି ରାଜ୍ୟ କାର୍ଯ୍ୟାଳୟ ନିକଟରେ ବହୁ ବରିଷ୍ଠ ବିଜେପି ନେତା ଙ୍କ ଦ୍ୱାରା ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ତେବେ ଭାରତର ନାରୀ ଶକ୍ତି କୁ ଦେଶର ବିକାଶ ପାଇଁ ନୀତି ନିର୍ଣ୍ଣାୟକ ଭାବେ ପ୍ରମୁଖ ଭୂମିକା ନିର୍ବାହ କରିବାକୁ ସରକାରଙ୍କ ଏହି ଅଧିନିୟମ ଲାଗୁ କରିବା ପାଇଁ ବିଗତ ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ଯୋଜନା ଲାଗୁକରି ପୃଷ୍ଠଭୂମି ପ୍ରସ୍ତୁତ କରାଯାଇଛି । ବେଟି ବଚାଓ, ବେଟି ପଢ଼ାଓ ଅଭିଯାନ ଦ୍ୱାରା ଦେଶରେ ଏକ ସକରାତ୍ମକ ପରିବର୍ତନ ଆସିବା ସହିତ ମାଧ୍ୟମିକ ସ୍ତରରେ ଝିଅ ମାନଙ୍କ ନାମଲେଖା ହାର ୮୦%ରୁ ଉର୍ଦ୍ଧ ରେ ପହଁଚିଛି । ଭବିଷ୍ୟତ ଆର୍ଥିକ ସୁରକ୍ଷା ପାଇଁ ସୁକନ୍ୟା ସମୃଦ୍ଧି ଯୋଜନାରେ ଏକାଉଂଟ୍ ଖୋଲି ସାମିଲ ହୋଇଛନ୍ତି ୪.୬କୋଟି ରୁ ଉର୍ଦ୍ଧ ମହିଳା ।ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ମାଧ୍ୟମରେ ୪.୨୭ କୋଟି ରୁ ଅଧିକ ମହିଳା ଙ୍କୁ ପୁଷ୍ଟିକର ସହାୟତା, ପୋଷଣ ୨.୦ ଅନ୍ତର୍ଗତ ୧୪ଲକ୍ଷରୁ ଅଧିକ ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ୮.୯୭ କୋଟି ହିତାଧିକାରୀ ଙ୍କୁ ସେବା ପ୍ରଦାନ ଭଳି ପ୍ରୟାସ ,ମହିଳାଙ୍କ ସ୍ୱାସ୍ଥ୍ୟ ଓ ମାତୃ ମୃତ୍ୟୁ ହାର କମାଇବା ଦିଗରେ ବେଶ୍ ଫଳପ୍ରଦ ହୋଇଛି । ମହିଳା ମାନଙ୍କୁ ଆର୍ଥିକ ରୂପରେ ସଶକ୍ତ କରିବାରେ ମଧ ସରକାର ଙ୍କ ବିଭିନ୍ନ ପଦକ୍ଷେପ ବେଶ୍ ଫଳପ୍ରଦ ହୋଇଛି । ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଅଧୀନରେ ୩୨.୨୯ କୋଟି ମହିଳା ବ୍ୟାଙ୍କିଙ୍ଗ ସହିତ ଯୋଡ଼ି ହୋଇଥିବା ବେଳେ,ମୁଦ୍ରା ଯୋଜନା ରେ ୬୮ ପ୍ରତିଶତ ଋଣ ମହିଳାଙ୍କୁ ମିଳିଛି । ଏହା ସହିତ ୧୦କୋଟି ରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଲକ୍ଷପତି ଦିଦି ଏବଂ ନମୋ ଡ୍ରୋନ ଦିଦି ଭଳି ପଦକ୍ଷେପ ମହିଳାଙ୍କୁ ପାରମ୍ପରିକ ଭୂମିକାରେ ବାହାରକୁ ଆଣି ବୈଷୟିକ ଓ ଉଦ୍ୟୋଗ କ୍ଷେତ୍ରରେ ସଶକ୍ତ କରିଛି । ମହିଳା ମାନଙ୍କ ମର୍ଯ୍ୟାଦା ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହିଳାଙ୍କୁ ମାଲିକାନା ସହିତ, ଉଜ୍ଜ୍ୱଳ । ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଜଳ ଜୀବନ ମିଶନ ଆଦି ଯୋଜନା ମହିଳା ମାନଙ୍କୁ ସଶକ୍ତ କରିଛି । ବିଗତ ଦିନର ଏହିସବୁ ଆଧାରକୁ ଭିତି କରି ନାରୀ ଶକ୍ତି ବନ୍ଦନ ଅଧିନିୟମ ଲାଗୁ ହେବା ପରେ , ସଂସଦ ଓ ବିଧାନ ସଭା ମାନଙ୍କରେ ମହିଳା ମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ଯୋଜନା ମାନ ଅଧିକ ପ୍ରଭାବଶାଳୀ ହୋଇପାରିବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଏହି ଅଧିନିୟମ ବିକଶିତ ଭାରତ ୨୦୪୭ ର ସଂକଳ୍ପ କୁ ତ୍ୱରାନ୍ୱିତ କରିବା ସହିତ ଭାରତ ଇତିହାସ ରେ ବିଭିନ୍ନ କ୍ଷେତ୍ରରେ ନାରୀ ମାନଙ୍କ ପ୍ରଶଂସନୀୟ ଭୂମିକା ଭଳି ମହିଳା ମାନଙ୍କ ନେତୃତ୍ୱ ଆଗାମୀ ଦିନରେ ଭାରତକୁ ନୂତନ ଶିଖରରେ ପହଁଚାଇ ପାରିବ ବୋଲି ଆଶା ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।ଏହି ପଦଯାତ୍ରା କାର୍ଯ୍ୟକ୍ରମ ରେ ବାଚସ୍ପତି ସୁରମା ପାଢୀଙ୍କ ସମେତ, ସାଂସଦ ପ୍ରତିନିଧି ଦେବସ୍ମିତା ମହାନ୍ତି,କସ୍ତୁରୀ ମିଶ୍ର, ସଂଯୁକ୍ତା ଆଚାର୍ଯ୍ୟ, ଏବଂ ଭାରତୀୟ ଜନତା ପାର୍ଟିର ଐଶର୍ଯ୍ୟା ବିଶ୍ୱାଳ,ପ୍ରବୀଣା ଭଞ୍ଜଦେଓ, ଉର୍ମିଳା ମହାପାତ୍ର, ଚନ୍ଦନା ଦାସ,ପିଙ୍କି ପ୍ରଧାନ, ଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ ।

# ଓଡ଼ିଶା ସରକାରୀ ବିଶ୍ୱବିଦ୍ୟାଳୟ ବିଧେୟକ- ୨୦୨୬କୁ ସ୍ୱୀକୃତି ଦେଲେ ରାଜ୍ୟପାଳ



ଭୁବନେଶ୍ୱର : ଓଡ଼ିଶାରେ ଲାଗୁହେଲା ଓଡ଼ିଶା ସରକାରୀ ବିଶ୍ୱ ବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ-୨୦୨୬ । ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ବିଧାନସଭାରେ ପାରିତ ହୋଇଥିବା ଓଡ଼ିଶା ସରକାରୀ ବିଶ୍ୱ ବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ବିଧେୟକ-୨୦୨୬କୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହା ପରେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ- ୨୦୨୬କୁ ଓଡ଼ିଶାରେ ଲାଗୁ କରାଯାଇଛି । ମାର୍ଚ୍ଚ ୩୧ ତାରିଖରେ ବିଧାନସଭାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଲୋଚନା ହେବା ପରେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱ ବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ବିଧେୟକ,୨୦୨୬କୁ ବିଧାନସଭାରେ ପାରିତ କରାଯାଇଥିଲା । ଏହି ବିଧେୟକ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରିବା ପରେ ସାରା ରାଜ୍ୟରେ ଓଡ଼ିଶା ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ ୨୦୨୬ ଲାଗୁ ହୋଇଛି । ଏହି ଅଧିନିୟମ ଲାଗୁ ହେବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟିଙ୍କୁ ଧନ୍ୟବାଦ ଦେଇଛନ୍ତି । ଏଥିସହ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଅଧିନିୟମ, ୨୦୨୬ ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ସେ କହିଛନ୍ତି ।

# ବିଦ୍ୟୁତ୍ ଆଘାତରେ ୩ ଜଣଙ୍କ ମୃତ୍ୟୁ ଘଟଣାରେ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଢେଙ୍କାନାଳ ହିନ୍ଦୋଳରେ ବିଦ୍ୟୁତ୍ ଆଘାତରେ ୩ ଜଣଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା କରିଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ସୂଚନା ଦିଆଯାଇଛି । ପୋଷ୍ଟରେ ଉଲ୍ଲେଖ କରାଯାଇଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳଠାରେ ଘଟିଥିବା ଦୁଃଖଦ ଘଟଣାରେ ଲକ୍ଷ୍ମୀଧର ସାହୁ (ପିତା – ପୂର୍ଣ୍ଣଚନ୍ଦ୍ର ସାହୁ), ସୁଧାକର ସାହୁ (ପିତା -ଦିବାକର ସାହୁ) ଏବଂ ମିଳନ ମହାଲିକଙ୍କର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି । ସୂଚନା ମୁତାବକ, ବାଲିମି ଥାନା ପାଟଲା ଗାଁର ତୁଳସୀବଣିସାହିରେ ଆଜି ଦଣ୍ଡନାଚ ହେବାର କାର୍ଯ୍ୟକ୍ରମ ଥିଲା । ଦିନରେ ଧୂଳିଦଣ୍ଡ ହୋଇଥିବା ବେଳେ ରାତିପାଇଁ ମଂଚ ସାଜସଜ୍ଜା କରାଯାଉଥିଲା ।








# ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେଲେ ରାଜ୍ୟପାଳ


ଭୁବନେଶ୍ୱର : ଭୁବନେଶ୍ୱରର ବିକାଶ ସରକାର ଓ ନାଗରିକଙ୍କ ସାମୁହିକ ଦାୟିତ୍ୱ ଓ ଭୁବନେଶ୍ୱରକୁ ଉନ୍ନତିର ଉଚ୍ଚତରସ୍ତରକୁ ନେବାର ଦାୟିତ୍ୱ କେବଳ ସରକାରର ନୁହେଁ, ନାଗରିକଙ୍କ ମଧ ସମାନ ଦାୟିତ୍ୱ ରହିଛି । ଏଣୁ ଭୁବନେଶ୍ୱରର ବିକାଶକୁ ନୂଆ ଉଚ୍ଚତାରେ ପହଂଚାଇବା ନିମନ୍ତେ ସମ୍ମିଳିତ ଉଦ୍ୟମ ପାଇଁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଏତତବ୍ୟତୀତ ସେମାନେ ସକ୍ରିୟ ଭାବେ ନଗରର



ଐତିହ୍ୟର ସଂରକ୍ଷଣ ଓ ଭବିଷ୍ୟତ ଗଠନରେ ଅବଦାନ ରଖିବାକୁ ରାଜ୍ୟପାଳ କହିଛନ୍ତି । ସୋମବାର ଦିନ ଉତ୍କଳ ମଣ୍ଡପରେ ଅନୁଷ୍ଠିତ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ନାଗରିକମାନଙ୍କୁ ସ୍ଥାୟୀ ଓ ସ୍ଥିର ଜୀବନଶୈଳୀ ଗ୍ରହଣ କରି ପରିବେଶ ସଚେତନ, ପ୍ରଦୂଷଣମୁକ୍ତ ଓ ପରିଷ୍କାର ପରିଚ୍ଛନ୍ନ ମହାନଗର ଗଠନ ପାଇଁ ଆହ୍ୱାନ ଜଣାଇଥିଲେ । ସାମୁହିକ ପ୍ରୟାସ ଦ୍ୱାରା ରାଜଧାନୀକୁ ସମାବେଶୀ, ଆଧୁନିକ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି । ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ତଥା ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ, ଭୁବନେଶ୍ୱର ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଥିବା ସହ ଆଧୁନିକ ଭାରତର ଆକାଂକ୍ଷାକୁ ସମ୍ମାନ ଦେଉଛି । ରାଜଧାନୀର ନକସା ଓ ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଓଟ୍ଟୋ କୋଏନିଗ୍ସବର୍ଗର୍ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼. ହରେକୃଷ୍ଣ ମହତାବଙ୍କ ଦୂରଦର୍ଶୀ ନେତୃତ୍ୱକୁ ମଧ ରାଜ୍ୟପାଳ ଏହି ଅବସରରେ ସ୍ମରଣ କରିଥିଲେ । ଐତିହାସିକ ପରମ୍ପରା ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଭୁବନେଶ୍ୱର ପ୍ରାଚୀନ କଳିଙ୍ଗର ଐତିହ୍ୟରେ ଗଭୀର ଭାବେ ପ୍ରତିଫଳିତ ଏବଂ କଳିଙ୍ଗ ଯୁଦ୍ଧ ପରି ପରିବର୍ତନକାରୀ ଘଟଣା ସହ ଜଡ଼ିତ, ଯାହା ସମ୍ରାଟ ଅଶୋକଙ୍କୁ ଶାନ୍ତିର ବାର୍ତା ପ୍ରଚାର କରିବା ପାଇଁ ପ୍ରେରଣା ଦେଇଥିଲା ଓ ଖାରବେଳଙ୍କ ସମୟରେ ଜୈନଧର୍ମର ବିକାଶ ଏବଂ ଉଦୟଗିରି-ଖଣ୍ଡଗିରି ଗୁମ୍ଫାର ସ୍ଥାୟୀ ଐତିହ୍ୟ ବିଷୟରେ ମଧ ରାଜ୍ୟପାଳ ଉଲ୍ଲେଖ କରିଥିଲେ । ଭୁବନେଶ୍ୱରକୁ "ଭାରତର ମନ୍ଦିର ମାଳିନୀ ନଗରୀ" ଭାବେ ବର୍ଣ୍ଣନା କରି ରାଜ୍ୟପାଳ ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର ଓ ପରଶୁରାମେଶ୍ୱର ମନ୍ଦିର ପରି କିର୍ତୀରାଜିଗୁଡିକ ସ୍ଥାପତ୍ୟ ବିଦ୍ୟା ଓ ଆଧ୍ୟାତ୍ମିକ ଐତିହ୍ୟ ଉତ୍କର୍ଷତାର ପ୍ରତୀକ ବୋଲି କହିଥିଲେ । ପ୍ରାଚୀନ ଶିଶୁପାଳଗଡ଼ରୁ ଆରମ୍ଭ କରି ୧୯୪୮ରେ ଯୋଜନାବଦ୍ଧ ରାଜଧାନୀ ରୂପେ ପ୍ରତିଷ୍ଠା ପର୍ଯ୍ୟନ୍ତ ଏହାର କ୍ରମ ବିକାଶ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଭୁବନେଶ୍ୱର ବର୍ତମାନ ଶାସନ, ଶିକ୍ଷା, ପ୍ରଯୁକ୍ତି ଓ ସଂସ୍କୃତିର ଏକ ପ୍ରମୁଖ କେନ୍ଦ୍ର ରୂପେ ଉଭା ହୋଇଛି । ଏହା "ଭାରତର କ୍ରୀଡ଼ା ରାଜଧାନୀ" ଭାବେ ମଧ ପରିଚିତ ହୋଇ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରି ଗୌରବ ଆଣୁଛି । ରାଜ୍ୟପାଳ ଅନୁକ୍ରମିକ ସରକାରଗମାନଙ୍କର ଯୋଜନାବଦ୍ଧ ସହରାଂଚଳ ବିକାଶକୁ ପ୍ରଶଂସା କରି ସ୍ମାର୍ଟ ସିଟି ମିଶନ, ଭିତିଭୂମି ବିସ୍ତାର ଓ ଆଇଟି ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ନିଆ ଯାଇଥିବା ପଦକ୍ଷେପଗୁଡିକୁ ପ୍ରଶଂସା କରିଥିଲେ ।

# 'ମାଇଁ ଇଣ୍ଡିଆ ବଜେଟ୍ କ୍ୱେଷ୍ଟ୨୦୨୬' କାର୍ଯ୍ୟକ୍ରମକୁ ସମ୍ବୋଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆଜି ସୋଆ ବିଶ୍ୱବିଦ୍ୟାଳୟରେ My India Budget Quest ୨୦୨୬ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଯାଇଛି । ସୂଚନାଯୋଗ୍ୟ ଯେ, My Bharat Budget Quest କାର୍ଯ୍ୟକ୍ରମରେ ବଜେଟ ସମ୍ପର୍କିତ



ବିଭିନ୍ନ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା । ଏଥିରେ ଦେଶର ୧୨ ଲକ୍ଷରୁ ଅଧିକ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ । ଏହି ୧୨ ଲକ୍ଷରୁ ୧୨ ହଜାର ଯୁବକ ଯୁବତୀ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲେ । ଓଡ଼ିଶାରୁ ୪୪୦ ଜଣ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଛନ୍ତି । ଆଜି ସୋଆ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପୁରସ୍କୃତ ୪୪୦ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ଏହା ସହିତ ଆଣ୍ଡାମାନରୁ ୨୫ ଜଣ ପୁରସ୍କୃତ ଛାତ୍ରଛାତ୍ରୀ ମଧ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଯୁବଶକ୍ତିର ଭୂମିକା, ଦେଶ ଗଢ଼ିବାରେ ସେମାନଙ୍କର ଅବଦାନ ଓ ବଜେଟ ସଚେତନାର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା । ଏହାସହିତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ତାଙ୍କ ବାର୍ତାରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି, ଯୁବଶକ୍ତିକୁ ସଶକ୍ତ କରିବା ଓ ବିକଶିତ ଭାରତ ଗଢ଼ିବାରେ ହୋଇଥିବା ପ୍ରୟାସ ବିଷୟରେ ଆଲୋକପାତ କରିଥିଲେ । ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚମ୍ପୁଆରୁ ଯୋଗଦାନ କରି ଯୁବବର୍ଗଙ୍କୁ ଦେଶ ଓ ରାଜ୍ୟର ଭବିଷ୍ୟତ ନିର୍ମାଣରେ ସକ୍ରିୟ ଭାଗୀଦାର ହେବାକୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମ କେବଳ ଇଭେଂଟ ନୁହେଁ ବରଂ ଏକ ଆନ୍ଦୋଳନ, ଯାହା ଯୁବବର୍ଗଙ୍କ ମଧ୍ୟରେ ଆର୍ଥିକ ସଚେତନତା ଓ ଦାୟିତ୍ୱବୋଧକୁ ବୃଦ୍ଧି କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେଶରେ ଛାତ୍ରଛାତ୍ରୀମାନଙ୍କୁ ସାଧାରଣତଃ ଅର୍ଥନୀତି, ବ୍ୟାଙ୍କିଙ୍ଗ୍ ଓ ଫାଇନାନ୍ସ ସମ୍ପର୍କିତ ପ୍ରାଥମିକ ଜ୍ଞାନ ଦିଆଯାଉନଥିବାରୁ ଭବିଷ୍ୟତରେ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଏହି ପରିପ୍ରେକ୍ଷୀରେ ଗଣ ଈଷବକ୍ସବସ୍ପ ଈଙ୍କୟଶରସ୍ପ ଛଙ୍କରସ୍ୱସ୍ପ ପରି କାର୍ଯ୍ୟକ୍ରମ ଯୁବବର୍ଗଙ୍କୁ ଆରମ୍ଭରୁ ଆର୍ଥିକ ବ୍ୟବସ୍ଥା, ଫିନ୍‌ଟେକ୍ ଓ ନୂତନ ପ୍ରଯୁକ୍ତି ସମ୍ପର୍କରେ ସଚେତନ କରିବ । ଯୁବବର୍ଗଙ୍କ ଉନ୍ନତି ପାଇଁ ଓଡ଼ିଶା ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା କରିଥିବା କଥା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି କହିଥିଲେ ଯେ, ଚଳିତ ବର୍ଷ କ୍ରୀଡା ବଜେଟ୍ ୧,୩୫୯ କୋଟି ଟଙ୍କା କରାଯାଇଥିବା ବେଳେ ସ୍କିଲ୍ ଡେଭଲପ୍‌ମେଂଟ ପାଇଁ ୧,୮୨୩ କୋଟି ଟଙ୍କା ଓ ମହିଳା ସଶକ୍ତିକରଣ ପାଇଁ ୧,୮୯୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସମ୍ବଲପୁର ଓ ବ୍ରହ୍ମପୁରରେ ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯିବାକୁ ଯୋଜନା ରହିଛି ଏବଂ ଆଇଟି, ଏଗ୍ରି-ଟେକ୍, ଏ.ଆଇ., ଲଜିଷ୍ଟିକ୍ ଓ ଆଡଭାନ୍ସଡ୍ ମାନୁଫାକ୍ଚରିଂ ପରି କ୍ଷେତ୍ରରେ ଯୁବମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ସେ ଆହୁରି କହିଥିଲେ ଯେ, ଓଡ଼ିଶା ବର୍ତମାନ କ୍ରୀଡା କ୍ଷେତ୍ରରେ ଏକ ଗ୍ଲୋବାଲ୍ ସ୍ପୋର୍ଟ୍ସ ହବ୍ ଭାବେ ଉଭା ହେଉଛି । ୨୦୨୮ ରେ ବିଶ୍ୱ ଇଣ୍ଡୋର ଆଥ୍ଲେଟିକ୍ସ ଚମ୍ପିଅନ୍‌ଶିପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମରେ ଆୟୋଜିତ ହେବା, ଓଡ଼ିଶା ପାଇଁ ଏକ ଗର୍ବର ବିଷୟ । ଏହା ସହିତ ଏସିଆନ୍ ଇଣ୍ଡୋର ଆଥ୍ଲେଟିକ୍ସ ଚ୍ୟାମ୍ପିଅନ୍‌ଶିପ୍ ପାଇଁ ମଧ ଓଡ଼ିଶା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି, ଯାହା ରାଜ୍ୟକୁ ଆନ୍ତର୍ଜାତିକ କ୍ରୀଡା ମଂଚରେ ଆହୁରି ଶକ୍ତିଶାଳୀ କରିବ ।

# ବେଆଇନ ମାଦକ ଦ୍ରବ୍ୟ କାରବାର ରୋକ ଉପରେ ଗୁରୁତ୍ୱାରୋପ କଲେ ମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟ ସରକାର ନୂଆ ଅବକାରୀ ନୀତି ପ୍ରଣୟନ ସହ ଏହାକୁ ସଠିକ୍ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି କ୍ରମରେ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଇନ, ପୂର୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।



ନୂଆ ମଦ ଦୋକାନ ଖୋଲିବା କିମ୍ବା ଅଧିକ ମଦ ବିକ୍ରୟ କରିବା କେବେ ବି ରାଜ୍ୟ ସରକାରଙ୍କ ପ୍ରାଧାନ୍ୟ ନୁହେଁ । ସରକାର ମଦ୍ୟପାନକୁ ନିରୁତ୍ସାହିତ କରିବା ପାଇଁ ଅତିରିକ୍ତ ଡି-ଆଡ଼ିକ୍ସନ୍ ସେସ୍ ଲଗାଇବା ପାଇଁ ଯୋଜନା କରିଛନ୍ତି । ଏହା ଦ୍ୱାରା ମଦ୍ୟପାନ ନକରିବା ପାଇଁ ଏକ ସଚେତନତା ବାର୍ତା ପ୍ରସାର କରିହେବ । ଏଥି ସହିତ ପୂର୍ବରୁ ଥିବା ଏମ୍ ?ଜିକ୍ୟୁ ବ୍ୟବସ୍ଥାକୁ ଉଚ୍ଛେଦ କରି ଏମ୍‌ଜିଇଆର ବ୍ୟବସ୍ଥା ଲାଗୁ ହେବାକୁ ଯାଉଛି । ଫଳରେ ସର୍ବନିମ୍ନ ମଦ ବିକ୍ରି ପାଇଁ ଡିଲରଙ୍କ ଉପରେ ଥିବା ଚାପ ହ୍ରାସ ପାଇବ ବୋଲି ମନ୍ତ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ସେହିପରି ବେଆଇନ ମଦ କାରବାର ଯୋଗୁଁ କେବଳ ଧନଜୀବନ ହାନି ହେଉ ନାହିଁ, ବରଂ ରାଜସ୍ୱ ହାନି ହେଉଛି । ତେଣୁ ଏହି ବେଆଇନ ନିଶା ତଥା ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ମଦ ଦୋକାନ ଆବଂଟନ ବେଳେ ଇ-ଲଟେରୀ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଅବକାରୀ ବ୍ୟବସ୍ଥାରେ ସୁଧାର ଦ୍ୱାରା ବେଆଇନ କାରବାର ରୋକାଯିବା ସହ ରାଜ୍ୟର ରାଜସ୍ୱ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ହରିଚନ୍ଦନ ଆଶା ପ୍ରକାଶ କରିଥିଲେ । ଏହି ବୈଠକରେ ଆବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଆର. ଏସ୍. ଗୋପାଳନ୍, ଅବକାରୀ କମିଶନ ପି. ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଶାସନ ସଚିବ ଦେବାଶିଷ ପଟ୍ଟନାୟକଙ୍କ ସମେତ ଏନଆଇସି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରେଳ ଷ୍ଟେସନରେ ମିଳିବ ୫ କେଜିଆ ଗ୍ୟାସ : ମନ୍ତ୍ରୀ



ଭୁବନେଶ୍ୱର : ଗ୍ୟାସ ପାଇଁ ଆଉ ହେବାକୁ ପଡିବନି ହଇରାଣ । ପେଟ୍ରୋଲ ପମ୍ପ ପରେ ଏବେ ଷ୍ଟେସନରେ ପାଖରେ ମିଳିବ ଗ୍ୟାସ । ସରକାର ନେଲେ ବଡ଼ ପଦକ୍ଷେପ । ପ୍ରବାସୀଙ୍କ ପାଇଁ ପାଂଚ କେଜିଆ ଗ୍ୟାସ ବ୍ୟବସ୍ଥା କରିଛନ୍ତି ସରକାର । ରାଜ୍ୟରେ ନାହିଁ ଆଉ ଗ୍ୟାସ ସଙ୍କଟ । ପୂର୍ବରୁ ପାଂଚ କେଜିଆ ଗ୍ୟାସକୁ ନେଇ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ପାଂଚ କେଜିଆ ଗ୍ୟାସ ବ୍ୟବସ୍ଥା କରାଯାଇଛି । ପେଟ୍ରୋଲ ପମ୍ପରେ ଗ୍ୟାସ ଉପଲବ୍ଧ ହେଲାଣି । ଏହାସହିତ ଷ୍ଟେସନରେ ଗ୍ୟାସ ମିଳିବା ଆରମ୍ଭ କରିଛି ଏବଂ ଆଗାମୀ ଦିନରେ ଅଧିକରୁ ଅଧିକ ଗ୍ୟାସ ଷ୍ଟେସନ ଖୋଲିବାକୁ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ଇରାନ ସହ ଆମେରିକାର ଯୁଦ୍ଧ ଭିତରେ ଗ୍ୟାସ ଓ ତୈଳର ଅଭାବ ସାରା ଦେଶରେ ଦେଖାଦେଇଛି । ଏହାର ସିଧାସଳଖ ପ୍ରଭାବ ଭାରତୀୟ ବଜାର ଉପରେ ମଧ ପଡ଼ିଥିଲା । ଦେଶରେ ଗ୍ୟାସ୍ର ସାମୟିକ ଅଭାବ ଦେଖାଦେବା ଫଳରେ ସବୁଠୁ ଅଧିକ ହନ୍ତସନ୍ତ ହୋଇଥିଲେ ଦିନ ମଜୁରିଆ ଓ ପ୍ରବାସୀ ଶ୍ରମିକ । ସ୍ଥାୟୀ ଠିକଣା ପ୍ରମାଣପତ୍ର ନଥିବାରୁ ଏହି ଶ୍ରମିକମାନେ ୧୪ କେଜିଆ ବଡ଼ ସିଲିଣ୍ଡର ପାଇବାରେ ଅସମର୍ଥ ହୋଇଥାନ୍ତି ।

# ୪ ରୁ ୬ ଡିଗ୍ରୀ ବଢ଼ିଯିବ ତାତି

ଭୁବନେଶ୍ୱର : ତାତି ଏକାଥରକେ ୪ରୁ ୬ ଡିଗ୍ରୀ ବଢ଼ିଯିବ । ପ୍ରଚଣ୍ଡ ଖରା ଯୋଗୁ ଭୀଷଣ ଗରମ ଆଉ ଗୁଳୁଗୁଳି ଅସହ୍ୟ ହେବ । ଆସନ୍ତା ୧୭ ତାରିଖ(ଶୁକ୍ରବାର) ଯାଏ ଏଭଳି ତାତି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହୋଇପାରେ । ଟିଟିଲାଗଡ଼, ବଲାଙ୍ଗୀର ଓ ଝାରସୁଗୁଡ଼ାରେ ଦିନ ତାପମାତ୍ରା ୪୩ ଡିଗ୍ରୀ ଛୁଇଁପାରେ । ବରଗଡ଼ରେ ୪୨ ଓ ବୌଦ୍ଧରେ ୪୧ ଡିଗ୍ରୀ ରହିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଉପକୂଳ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ତାପମାତ୍ରା ଅପେକ୍ଷାକୃତ କମ ରହିବ । ମଙ୍ଗଳବାର(୧୪ ତାରିଖ) ଦୁଇ ଜିଲ୍ଲା ବରଗଡ଼ ଓ ବଲାଙ୍ଗୀରରେ ଗ୍ରୀଷ୍ମଲହରୀ ବହିପାରେ । ଉତର ଓଡ଼ିଶା ଓ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗରମ ଓ ଗୁଳୁଗୁଳି ରହିବ । ବଲାଙ୍ଗୀର, ଟିଟିଲାଗଡ଼ ଓ ବରଗଡ଼ରେ ୪୫ ଡିଗ୍ରୀ ଛୁଇଁ ଯାଇପାରେ । ଝାରସୁଗୁଡ଼ାରେ ୪୩, ବୌଦ୍ଧ ଓ ନୂଆପଡ଼ାରେ ୪୧ ଡିଗ୍ରୀ ରହିପାରେ । ୧୫ ଓ ୧୬ ତାରିଖରେ ବରଗଡ଼ ଓ ବଲାଙ୍ଗୀର ସମେତ ଝାରସୁଗୁଡ଼ା ଓ ସମ୍ବଲପୁରରେ ଗ୍ରୀଷ୍ମଲହରୀ ପ୍ରବାହିତ ହୋଇପାରେ । ଏଥିରେ ତତଲା ପବନ ବହିବା ସହ ଜନଜୀବନକୁ ଅସ୍ତବ୍ୟସ୍ତ କରିପାରେ । ସେହି ଦୁଇ ଦିନ ବଲାଙ୍ଗୀର, ଟିଟିଲାଗଡ଼ ଓ ବରଗଡ଼ ଓ ଝାରସୁଗୁଡ଼ାରେ ଦିନ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ ଚିତ୍ର ଜାରି କରିଛି । ତାତି ଅଧିକ ରହିବା ସମ୍ଭାବନା ଥିବାରୁ ଖରାରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ସେହିଭଳି ଉପକୂଳ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ



ଅଧିକ ଗରମ ଓ ଗୁଳୁଗୁଳି ରହିବ ୧୭ ଓ ୧୮ ତାରିଖରେ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଭୀଷଣ ଗରମ ଓ ଗୁଳୁଗୁଳି ରହିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ରବିବାର ଟିଟିଲାଗଡ଼ରେ ୪୧.୫ ଡିଗ୍ରୀ, ଭବାନୀପାଟଣା ଓ ବଲାଙ୍ଗୀରରେ ୪୧, ଝାରସୁଗୁଡ଼ାରେ ୪୦.୭, ହୀରାକୁଦରେ ୪୦ ଓ ସମ୍ବଲପୁରରେ ୪୦.୧ ଡିଗ୍ରୀ ରହିଥିଲା । ଭୁବନେଶ୍ୱରରେ ୩୭.୭, କଟକରେ ୩୭.୪ଡିଗ୍ରୀ ରହିଥିଲା ।







# ଆଇପିଏଲ-୨୦୨୬ : ରାଜସ୍ଥାନ ଆଗରେ ୨୧୭ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ହାଇଦ୍ରାବାଦ

ହାଇଦ୍ରାବାଦ: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ଏକବିଂଶ ମୁକାବିଲା ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ହୋଇଛି । ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ରାଜସ୍ଥାନ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଫଳରେ ଘରୋଇ ଟିମ୍‌କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ମିଳିଥିଲା । ଈଶାନ କିଶନଙ୍କ ନେତୃତ୍ୱରେ ହାଇଦ୍ରାବାଦ୍ ନିର୍ଦ୍ଧାରିତ



୨୦ ଓଭରରେ ୬ଟି ୱିକେଟ୍ ହରାଇ ୨୧୬ ରନ୍ ସଂଗ୍ରହ କରିଛି । ଫଳରେ ରାଜସ୍ଥାନକୁ ଏହି ମ୍ୟାଚ୍ ବିଜୟ ପାଇଁ ୨୧୭ ରନ୍ ଟାର୍ଗେଟ ମିଳିଛି । ହାଇଦ୍ରାବାଦ୍ ପାଇଁ ଅଭିଷେକ ଶର୍ମା ଏବଂ ଟ୍ରାଭିସ୍ ହେଡ୍ ଇନିଂସ ଆରମ୍ଭ କରିଥିଲେ । କିନ୍ତୁ ଦଳକୁ ଆରମ୍ଭରୁ ହିଁ ବଡ଼ ଝଟକା ଲାଗିଥିଲା । ଯୁବ ବ୍ୟାଟର ଅଭିଷେକ ଶର୍ମା ଗୋଟିଏ ବଲ୍‌କୁ ସାମ୍ନା କରି କୌଣସି ରନ୍ ସଂଗ୍ରହ ନକରି ଆଉଟ୍ ହୋଇ ପାଭଲିଅନକୁ ଫେରିଯାଇଥିଲେ । ଫଳରେ ତାଙ୍କର ସ୍ଥାନ ପୂରଣ କରିବା ପାଇଁ ଅଧିନାୟକ ଈଶାନ କିଶନ ପଡ଼ିଆକୁ ପ୍ରବେଶ କରିଥିଲେ । ନିଜ ଦଳ ପାଇଁ ଈଶାନ କିଶନ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୪୪ଟି ବଲ୍ ଖେଳି ୯୧ ରନ୍ ସଂଗ୍ରହ କରିଥିଲେ । ଏଥିରେ ସେ ୮ଟି ଚୌକା ଏବଂ ୬ଟି ଛକା ସାମିଲ କରିଥିଲେ । ହେନରିକ କ୍ଲାସେଁ ୨୬ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୩ଟି ଛକା ବଳରେ ୪୦ ରନ୍ ସଂଗ୍ରହ କରିଥିଲେ । ଈଶାନ କିଶନ ଏବଂ ଟ୍ରାଭିସ୍ ହେଡ୍ ଦ୍ୱିତୀୟ ୱିକେଟ୍ ପାଇଁ ୫୫ ରନ୍ ସଂଗ୍ରହ କରିଥିଲେ । ଟ୍ରାଭିସ୍ ହେଡ୍ ମଧ ଅଧିକ ସମୟ ପର୍ଯ୍ୟନ୍ତ କ୍ରିଜ୍‌ରେ ରହିପାରି ନଥିଲେ । ସେ ବ୍ୟକ୍ତିଗତ ଭାବେ ୧୮ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ ଏବଂ ୩ଟି ଚୌକା ମାରିଥିଲେ । ଯୁବ ବ୍ୟାଟର ନୀତିଶ ରେଡ୍ଡୀ ବ୍ୟକ୍ତିଗତ ଭାବେ ୨୮ ରନ୍ ସଂଗ୍ରହ କରିଥିଲେ । ସେ ୧୩ଟି ବଲ୍‌ରୁ ୪ଟି ଛକା ମାରିଥିଲେ । ଅନିକେତ ବର୍ମା ୫ଟି ବଲ୍ ଖେଳି ୬ ରନ୍ କରିଥିଲେ, ଯେଉଁଥିରେ ଗୋଟିଏ ଚୌକା ସାମିଲ ଥିଲା । ସଲିଲ ଅରୋରା ୧୩ଟି ବଲ୍‌ରୁ ୨ଟି ଚୌକା ଏବଂ ୨ଟି ଛକା ବଳରେ ଅପରାଜିତ ୨୪ ରନ୍ କରିଥିଲେ ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଫେରିବ ହକି, କ୍ରିକେଟ



ନୂଆଦିଲ୍ଲୀ : ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜିତ ହେବ । ଏହି ସଂସ୍କରଣରେ କ୍ରିକେଟ ଓ ହକି ଖେଳ ଫେରିବା ଏକପ୍ରକାର ନିଶ୍ଚିତ ହୋଇଛି । କ୍ରୀଡା ମନ୍ତ୍ରୀ ମନସୁଖ ମାଣ୍ଡବିୟା ଏ ନେଇ ସୂଚନା ପ୍ରଦାନ କରିଛନ୍ତି । ଅହମ୍ମଦାବାଦରେ ହେବାକୁ ଥିବା ଏହି ମେଗା ଇଭେଂଟ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଭାରତର ପାରମ୍ପାରିକ ଖେଳ କବାଡୀ, ମାଲଖମ୍ଭ ଓ ଖୋ ଖୋ ମଧ୍ୟରୁ ୨ଟି କ୍ରୀଡାକୁ ସାମିଲ କରିବା ପାଇଁ ବିଚାର ଚାଲିଛି ବୋଲି ସେ କହିଛନ୍ତି । ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡାରେ କ୍ରିକେଟ ଓ ହକିକୁ ବାଦ ଦିଆ ଯାଇଥିଲା । ଯାହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଥିଲା । ୨୦୩୦ ଗେମ୍ସରେ ୧୭ଟି କ୍ରୀଡା ସାମିଲ ହେବ । ଭାରତ ୨୦ ବର୍ଷ ପରେ ପୂନର୍ବାର ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ କରିବାକୁ ଯାଉଛି । ୨୦୧୦ରେ ଏହି ମେଗା ଇଭେଂଟ ଭାରତରେ ସଫଳତା ସହକାରେ ଆୟୋଜିତ ହୋଇଥିଲା । ଏଥର ଭାରତ ଏହାକୁ ଭବ୍ୟ ଭାବେ ଆୟୋଜନ କରିବା ପାଇଁ ୨୩ ମନ୍ତ୍ରଣାଳୟକୁ ଦାୟିତ୍ୱ ଦେଇଛି । ୨୦୩୬ ଅଲିମ୍ପିକ୍ସ ଆୟୋଜୟ ରେସରେ ଭାରତ ରହିଥିବାରୁ ଏହା ମାଧ୍ୟମରେ ପ୍ରଭାବିତ କରିବା ଲକ୍ଷ୍ୟରେ ରହିଛି ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**